**ଦଶମନ୍ତପୁର ବ୍ଲକରେ ପରିକ୍ରମା ଉତ୍ସବ**

ଦଶମନ୍ତପୁର, (ଅରବିନ୍ଦ ନାୟକ ):କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରକଳ୍ପର ଲୋକାର୍ପଣ ନେଇ ବୁଧବାର ପରିକ୍ରମା ଉତ୍ସବ ଅନୁଷ୍ଠିତ ହୋଇଛି। ବିଡିଓ ମିଲନ କୁମାର ଝଙ୍କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ସିଆରସିସି ମଧୁସୂଦନ ପାତ୍ର , ବ୍ଲକ ମଙ୍ଗଳ ଅଧିକାରୀ ପ୍ରଦୀପ ନାୟକ, ଜିପିଓ ସ୍ମୃତିରଞ୍ଜନ ନାୟକ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ୧୬ ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଓ ବହୁସଂଖ୍ୟାରେ ଜନସାଧାରଣ ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସ୍କ୍ରିନରେ ପରିକ୍ରମା ଉତ୍ସବର ସିଧା ପ୍ରସାରଣ ଦେଖିଥିଲେ।

## ସଂକ୍ଷେପରେ

### ୨ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

ନନ୍ଦପୁର, ୧୭।୧ (ଶଙ୍କର ପୂଜାରୀ)

ନନ୍ଦପୁର ଥାନା ପୋଲିସ ନିକଟସ୍ଥ ଖେମୁଣ୍ଡୁଗୁଡା ପଞ୍ଚାୟତର ଦୋରାଗୁଡା ଗ୍ରାମମୁଣ୍ଡ ରାସ୍ତାକଡ ଜଙ୍ଗଲରେ ଗଞ୍ଜେଇ ଗଚ୍ଛିତ ରଖାଯାଇଥିବା ଗୋଇନ୍ଦା ସୂଚନା ପାଇ ବୁଧବାର ଚଢାଉ କରି ଏହାକୁ ଜବତ କରିଛି। ଏହାର ପରିମାଣ ୨ କୁଇଣ୍ଟାଲ ୨ଶହ ଗ୍ରାମ୍ ବୋଲି ଜଣାପଡିଛି। ଉକ୍ତ ଗଞ୍ଜେଇକୁ ଛତିଶଗଡ଼ ଅଞ୍ଚଳକୁ ଚାଲାଣ ପାଇଁ ରଖାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ତେବେ ଘଟଣା ସ୍ଥଳରୁ ଅନ୍ଧାରର ସୁଯୋଗ ନେଇ ଚାଲାଣକାରୀମାନେ ଖସି ପଳାଇଥିବା ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି। କେସ ନଂ. ୧୩ /୨୪ ରେ ମାମଲା ରୁଜୁ କରାଯାଇ ଥାନାଧିକାରୀ ଆଶ୍ରିତା ଖାଲକୋ ଏହାର ତଦନ୍ତ ଜାରି ରଖିଛନ୍ତି। ଚଢାଉରେ ଥାନାଧିକାରୀ ଖାଲକୋ, ଏସ୍‌ଆଇ ବେଦୋବର ସାହୁ, ଏସଆଇ ଦୀପ୍ତିମୟୀ ଧରୁଆଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

### ଦିବ୍ୟଦର୍ଶନ ସଂଘର ବାର୍ଷିକ ଉତ୍ସବ ପାଳିତ

ଲମତାପୁଟ,୧୭।୧ (ଭକ୍ତରାମ ବାଙ୍କିଆ)

ଲମତାପୁଟ ଦିବ୍ୟ ଦର୍ଶନ ସଂଘର ୨୦ତମ ଦୀକ୍ଷା ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଂଘ ପ୍ରତିଷ୍ଠାତା ଶ୍ରୀ ଅର୍ଜୁନ୍ଙ୍କ ୬୦ ଜଣ ଶିଷ୍ୟା ଶିଷ୍ୟ ଦୀକ୍ଷା ନେଇଥିବା ଜଣାପଡିଛି। ଜୟପୁରରୁ ଆସିଥିବା ଶାଖା ସମ୍ପାଦକ ଗୁରୁଭାଇ ନାଗେଶ୍ୱର ରାଓ, କେନ୍ଦ୍ରୀୟ କମିଟିର ଆଞ୍ଚଳିକ ପ୍ରତିନିଧି ଗୋବିନ୍ଦ ଚନ୍ଦ୍ର ସାହୁ, ଲମତାପୁଟ ଶାଖା ସଭାପତି ପ୍ରଭାକର ନାହାକ, କୋଷାଧ୍ୟକ୍ଷ ଦଣ୍ଡପାଣି ପୃଷ୍ଟି ଓ ସମ୍ପାଦକ ବିନୋଦ ପ୍ରଧାନ ଯୋଗଦେଇ ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ।

### ସେକ୍ଟର ଅଫିସରଙ୍କ ତାଲିମ ଶିବିର

କୋରାପୁଟ,୧୭।୧, (ଅମିତାଭ ବେହେରା)

କୋରାପୁଟ ମ୍ୟୁନିସିପାଲିଟି ଅଡିଟୋରିୟମଠାରେ ନିର୍ବାଚନରେ ନିୟୋଜିତ ସେକ୍ଟର ଅଫିସରମାନଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଅବଦଲ ଏମ. ଅଖତର ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ସେକ୍ଟର ଅଫିସରମାନଙ୍କ ଅଧୀନରେ ରହିଥିବା ମତଦାନ କେନ୍ଦ୍ରରେ କେଉଁ କେଉଁ ବୁଥରେ ରାଜନୈତିକ ଓ ମାଓବାଦୀ ହିଂସାଜନିତ ବିପଦ ରହିଛି ସେଗୁଡିକୁ ଚିହ୍ନଟ କରି ଆସନ୍ତା ୧୦ ଦିନ ମଧ୍ୟରେ ରିର୍ପୋଟ ଦେବାକୁ ଜିଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ଉପଜିଲାପାଳ ବେଣୁଧର ଶବର ତାଲିମଦାତା ଭାବେ ଯୋଗଦେଇ ସେକ୍ଟର ଅଫିସରମାନଙ୍କୁ ତାଲିମ ଦେଇଥିଲେ।

# ଆଲୋକିତ ହେବ ରାଇପାହାଡ଼

ନନ୍ଦପୁର,୧୭।୧(ଶଙ୍କର ପୂଜାରୀ)

**ବିଭିନ୍ନ ସାମଗ୍ରୀ ଧରି ପହଞ୍ଚି କାମ ଆରମ୍ଭ କଲା ଟିପିଏସ୍‌ଓଡିଏଲ୍ ଟିମ୍**



ଏକଦା ଆନ୍ଧ୍ର-ଓଡ଼ିଶା ସୀମା ବିବାଦରେ ଛନ୍ଦି ହୋଇ ୪ ମାସ ହେଲା ଅନ୍ଧାରରେ ଥିବା ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତର ରାଇପାହାଡ ଗ୍ରାମ ଆସନ୍ତା କିଛି ଦିନ ମଧ୍ୟରେ ଆଲୋକିତ ହେବାକୁ ଯାଉଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଗ୍ରାମକୁ ବିଦ୍ୟୁତୀକରଣ କରାଯିବାକୁ ନିର୍ଦ୍ଦେଶ ପାଇ ଟିପିଏସ୍‌ଓଡିଏଲ୍ କର୍ତ୍ତୃପକ୍ଷ ବିଦ୍ୟୁତ୍ ଉପକରଣ, ବିଦ୍ୟୁତ୍ ଖୁଣ୍ଟ ଓ ନିର୍ମାଣ ଟିମ୍ ଧରି ରାଇପାହାଡ ଗ୍ରାମରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଛନ୍ତି। ସପ୍ତାହକ ମଧ୍ୟରେ ବିଦ୍ୟୁତୀକରଣ କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଗ୍ରାମରେ ବସବାସ କରୁଥିବା ୧୬ ପରିବାରକୁ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରାଯିବ ବୋଲି ଟିପିଏସଓଡିଏଲ୍ ଠିକାଦାର ଓ ଯନ୍ତ୍ରୀ ବିକାଶ ଚୌଧୁରୀ କହିଛନ୍ତି। ସୂଚନା ଯୋଗ୍ୟ, ସୀମାନ୍ତ ରାଇପାହାଡ ଗ୍ରାମକୁ ଆନ୍ଧ୍ର ଅନୁପ୍ରବେଶ କରି ଗ୍ରାମବାସୀଙ୍କୁ ପ୍ରଲୋଭିତ କରି ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରୁଥିଲା। ଗ୍ରାମବାସୀଙ୍କୁ ଆନ୍ଧ୍ର ଆଧାର, ରାଶନ୍, ଭୋଟର କାର୍ଡ, ଆବାସ ଯୋଜନାରେ ୬ ଗୃହ, ପାଣି, ବିଦ୍ୟୁତ୍ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ, ଜଙ୍ଗଲ ଜମି ପଟ୍ଟା ଦେଇ ଉକ୍ତ ଅଞ୍ଚଳ ନିଜର ବୋଲି ଦାବି କରୁଥିଲା। ଘଟଣା ସମ୍ପର୍କରେ ବାରମ୍ବାର ଖବର ପ୍ରକାଶ ପରେ ଦୁଇ ରାଜ୍ୟର ଅଧିକାରୀଙ୍କ ଦୁଇ ଥର ବୈଠକ ବସି ରାଇପାହାଡ ଗ୍ରାମ ଓଡ଼ିଶାର ବୋଲି ପ୍ରମାଣିତ ହୋଇଥିଲା। ଫଳରେ ଆନ୍ଧ୍ର ଗ୍ରାମବାସୀଙ୍କୁ ଦେଉଥିବା ସମସ୍ତ ସୁବିଧା ଫେରେଇ ନେଇଥିଲା। ଗ୍ରାମକୁ ଦେଇଥିବା ବିଦ୍ୟୁତ୍ ସଂଯୋଗ କାଟି ଦେବାରୁ ଗ୍ରାମବାସୀ ଗତ ୪ ମାସ ହେଲା ଅନ୍ଧାରରେ ଥିଲେ। ଜିଲା ଓ ବ୍ଲକ ପ୍ରଶାସନର ପ୍ରତିଶ୍ରୁତି ଅନୁସାରେ ରାଇପାହାଡ ଗ୍ରାମକୁ ପ୍ରଥମେ ପାଣି, ଗଳି ଆଲୁଅ ବ୍ୟବସ୍ଥା କରାଯାଇଥିଲା। ପରେ ୩ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଓ ୧୩ ପରିବାରକୁ ବିଜୁ ପକ୍କାଘର ଯୋଜନାରେ ସାମିଲ କରାଯାଇଥିଲା। ଏବେ ଗ୍ରାମବାସୀଙ୍କୁ ବିଦ୍ୟୁତ୍ ଯୋଗାଣ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଫଳରେ ରାଇପାହାଡବାସୀଙ୍କ ମଧ୍ୟରେ ଖୁସି ଦେଖାଦେଇଛି। ଗୋଲୁର ପଞ୍ଚାୟତ ସରପଞ୍ଚ ଦାୟିତ୍ୱରେ ଥିବା ନାଏବ ସରପଞ୍ଚ ସାବିତ୍ରୀ ବୁରୁଡ଼ି. ସମିତି ସଭ୍ୟ ଲକ୍ଷ୍ମୀ ମାଟାମ, ବିରଞ୍ଚି ମାଟାମ ପ୍ରମୁଖ ଗ୍ରାମରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଥିବା, ଶ୍ରମିକଙ୍କ ରହିବା ଓ ଆବଶ୍ୟକ ସହଯୋଗ ପାଇଁ ଆଲୋଚନା କରିଛନ୍ତି। ବିଡିଓ ଦୁର୍ଗା ପ୍ରସାଦ ଦୋରା, ତହସିଲଦାର ଅନାଦି ଚରଣ ସାହୁ, ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦୂବରାଜ ମୁର୍ମୁ ପ୍ରମୁଖ ଆରମ୍ଭ ହୋଇଥିବା କାର୍ଯ୍ୟ ପ୍ରତି ନଜର ରଖିଛନ୍ତି।

## ଲୋକାର୍ପଣ କାର୍ଯ୍ୟକ୍ରମ ଦେଖିଲେ ସହରବାସୀ



କଳାକାରମାନେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ସୁନାବେଡା,୧୭।୧(କୃତ୍ତିବାସ ପ୍ରଧାନ)

ସୁନାବେଡା ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପଠାରେ ପୁରୀ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସାବର ସିଧା ପ୍ରସାରଣକୁ ସୁନାବେଡା ସହରବାସୀ ଦେଖିଛନ୍ତି। ଏନେଇ ଆୟୋଜିତ କାର୍ଯ୍ୟକ୍ରମକୁ ପୌରାଧ୍ୟକ୍ଷ ଡ଼. ରାଜେନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ। ପୌର ନିର୍ବାହୀ ଅଧିକାରୀ ନାରାୟଣ ନୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ପଡାଲ, ପୂର୍ବତନ ଏମ୍‌ପି ଝିନ୍ନ ହିକକା ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ । ସଞ୍ଜିବନୀ ଗ୍ରୁପ ପକ୍ଷରୁ ଭଜନ ପରିବେଷଣ ହୋଇଥିଲା। ବିଭିନ୍ନ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ମିତ୍ର ଭାନୁ ଗ୍ରୁପ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଜଗନ୍ନାଥଙ୍କ ପହଣ୍ଡି ବିଜେ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଉପାଧ୍ୟକ୍ଷା ରିତୁ କଣ୍ଠା ଏବଂ ସମସ୍ତ ପାରିଷଦ ଉପସ୍ଥିତ ଥିଲେ। ରବୀନ୍ଦ୍ର ପ୍ରଧାନ ଏବଂ ମମତା ରାୟ ମଞ୍ଚ ପରିଚାଳନା କରିଥିଲେ।

# ପାଣି ପଞ୍ଚାୟତ ମଜଭୁତ କରିବାକୁ ପରାମର୍ଶ

କୋରାପୁଟ,୧୭।୧,( ଅମିତାଭ ବେହେରା)



ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ପାଣି ପଞ୍ଚାୟତ ପକ୍ଷ ପାଳନ**

- ସାମିଲ ହେଲେ ୨ଶହ ପାଣି ପଞ୍ଚାୟତ ସଭାପତି, ସମ୍ପାଦକ
- ପ୍ରତିଯୋଗିତାରେ ୧୫ ଛାତ୍ରୀଛାତ୍ର ପୁରସ୍କୃତ

କୋରାପୁଟ ଉଠାଜଳସେଚନ ବିଭାଗ ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ପାଣି ପଞ୍ଚାୟତ ପକ୍ଷ-୨୦୨୪ ପାଳିତ ହୋଇଯାଇଛି। ବିଭାଗୀୟ ନିର୍ବାହୀଯନ୍ତ୍ରୀ ଯୁଗଳ କିଶୋର ଟାକିରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ପଡାଲ ଯୋଗଦେଇ ପାଣି ପଞ୍ଚାୟତ ପକ୍ଷର ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଉପସ୍ଥିତ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ ଓ ଚାଷୀମାନଙ୍କୁ ପାଣି ପଞ୍ଚାୟତକୁ ଅଧିକ ମଜଭୁତ୍ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା କୋରାପୁଟ ଜିଲାର ତେଲେଙ୍ଗିର ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଚାଷୀ ଉପକଅତ ହେଉଛନ୍ତି ବୋଲି ସେ କହିଥିଲେ। ଜିଲାରେ ୧୭୦୦ ପାଣି ପଞ୍ଚାୟତ ରହିଥିବାବେଳେ କାର୍ଯ୍ୟକ୍ରମରେ ୨ଶହ ପାଣି ପଞ୍ଚାୟତର ସଭାପତି ଓ ସମ୍ପାଦକମାନେ ଯୋଗଦେଇ ସେମାନଙ୍କ ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋପାତ କରିଥିଲେ । ସମ୍ମାନିତ ଅତିଥିଭାବେ କୋରାପୁଟସ୍ଥିତ ନାବାର୍ଡର ମହାପ୍ରବନ୍ଧକ ଦେବେନ୍ଦ୍ର ପ୍ରଧାନ ଯୋଗଦେଇ ନାର୍ବାଡ ପକ୍ଷରୁ ପାଣି ପଞ୍ଚାୟତ ନିମନ୍ତେ ରହିଥିବା ବିଭିନ୍ନ ସହାୟତା ସମ୍ପର୍କରେ ସୂଚନା ଦେଇ ପାଣି ପଞ୍ଚାୟତ ଅଧିକ ସୁଦୃଢ ହେଲେ ଅଧିକରୁ ଅଧିକ ଜମି ଜଳସେଚିତ ସୁବିଧା ହେବା ସହ ଅଧିକ ପରିମାଣରେ ଫସଲ ଅମଳ ହେବ ବୋଲି ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ସହକାରୀ ଉଦ୍ୟାନ ଅଧିକାରୀ ପୁରଞ୍ଜୟ ପାଣିଗ୍ରାହୀ ଯୋଗଦେଇ ପାଣି ପଞ୍ଚାୟତ ପକ୍ଷ ପାଳନ ମାଧ୍ୟମରେ ଚାଷୀଙ୍କୁ ଉନ୍ନତ ବିହନ ଓ ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦାନ କରାଯାଉଛି ବୋଲି କହିଥିଲେ। ଏହି ପକ୍ଷ ପାଳନ ଅବସରରେ ଆୟୋଜିତ ପ୍ରବନ୍ଧ, ବକ୍ତୃତା ଚିତ୍ରାଙ୍କନ, ନମୁନା ପ୍ରଦର୍ଶନ ଆଦି ବିଭିନ୍ନ ପ୍ରତିଯୋଗିତାର କୃତୀ ୧୫ ଜଣ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଯନ୍ତ୍ରୀ ବିଜୟ ମହାରଥା ପରିଚାଳନା କରିଥିଲେ। କନିଷ୍ଠ ଯନ୍ତ୍ରୀ କୈଳାସ ଭତ୍ରା ଓ ବୈକୁଣ୍ଠନାଥ ଜାଲି ସହଯୋଗ କରିଥିଲେ ।

## ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

କୋରାପୁଟ,୧୭।୧(ଅମିତାଭ ବେହେରା)

ଜିଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଡିଆରଡିଏ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଛି । ଜିଲାପାଳ ଅବଦଲ ଏମ. ଅଖତରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ସକାଳ ୫ .୩୦ରେ ରାମଧୁନ ସହ ସହର ପରିକ୍ରମା ପରେ ୭ଟା ସୁଦ୍ଧା ସମସ୍ତ ସ୍କୁଲ ଓ କଲେଜରେ ପତାକା ଉତ୍ତୋଳନ କରାଯିବା ଓ ଜିଲାସ୍ତରୀୟ ମୁଖ୍ୟ ସମାରୋହ ସାଢେ ୮ଟାଟାରେ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ସେହିପରି ମୁଖ୍ୟ ଅତିଥିଙ୍କ ସ୍ୱଳ୍ପ ସମୟ ପାଇଁ ରହଣି ଦୃଷ୍ଟିରୁ ପୋଲିସ ପଡିଆରେ କାର୍ଯ୍ୟକ୍ରମକୁ କାଣ୍ଟଛାଣ୍ଟ କରାଯାଇଥିବା ଜିଲାପାଳ ସୂଚନା ଦେଇଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ କାଣ୍ଟଛାଣ୍ଟ କରାଯାଇଥିବାବେଳେ ଛୋଟପିଲାମାନଙ୍କ ଦ୍ୱାରା ହେବାକୁ ଥିବା କୌତୁହଳ ବେଶଭୂଷା କାର୍ଯ୍ୟକ୍ରମ ସଂନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ହେବ।

## ବ୍ଲକ୍ କଳା ସାଂସ୍କୃତିକ ସଂଘ ସଦସ୍ୟଙ୍କୁ ପ୍ରଶିକ୍ଷଣ



ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଜୟପୁର, ୧୭।୧(ପବନ ପାଣିଗ୍ରାହୀ)

ବ୍ଲକ କଳା ସାଂସ୍କୃତିକ ସଂଘ ସଦସ୍ୟମାନଙ୍କ ଏକ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାଗୃହରେ ଆୟୋଜିତ ଏହି ଶିବିରରେ ବିଡିଓ ଶକ୍ତି ମହାପାତ୍ର, ବ୍ଲକ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ଏବିଡିଓ ମନୋଜ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍. ନିଶା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟ ଟଙ୍କଧର ହାଲବା, ଜିଲା ପରିଷଦ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଲୋକକଳା ମାଧ୍ୟମରେ କଳାକାର ସଂଘ ସଦସ୍ୟମାନେ ଗ୍ରାମ ଗ୍ରାମ ବୁଲି ପ୍ରଚାରକରି ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଛି। ଫେବୃଆରୀ ୨୦ ଯାଏ ଜୟପୁର ବ୍ଲକର ୨୨ଟି ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ କଳାକାରମାନେ ଲୋକଙ୍କୁ ସଚେତନ କରିବାନେଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।

# ମାଳି ପର୍ବତ ସୁରକ୍ଷା ପାଇଁ ଜନସମ୍ପର୍କ ଯାତ୍ରା ଶେଷ

ସୁନାବେଡ଼ା/ସେମିଳିଗୁଡ଼ା, ୧୭।୧(କୃତ୍ତିବାସ ପ୍ରଧାନ/ ବାସୁଦେବ ବରାଡ଼)

ସେମିଳିଗୁଡ଼ା ବ୍ଲକ ଦୁଧାରୀ ପଞ୍ଚାୟତ ଇଷ୍ଟଦେବୀ ବାରକୁଟୁଣୀଠାରୁ ନିକଟରେ ଆରମ୍ଭ ହୋଇଥିବା ମାଳିପର୍ବତ ସୁରକ୍ଷା ସମିତିର ଜନସମ୍ପର୍କ ଯାତ୍ରା ମଙ୍ଗଳବାର ଶେଷ ହୋଇଛି। ସେମିଳିଗୁଡ଼ା ବ୍ଲକର ୮ ପଞ୍ଚାୟତ ପାକଝୋଲା, ଦଳେଇଗୁଡା, ସୋରିଷପଦର, ଖୁଦୁଧାରୀ, କାଣ୍ଟି, କୁନ୍ଦୁଲି ଓ ଚାରାଗୁଲ ପଞ୍ଚାୟତର ପ୍ରତ୍ୟେକ ଗ୍ରାମ ବୁଲି ମାଳି ପର୍ବତ ସୁରକ୍ଷା ସମିତିର ସଦସ୍ୟମାନେ ସଚେତନତା ସଭା କରିଥିଲେ। ଏଠାରେ କମ୍ପାନୀ ଅଦିନରେ ପର୍ବତ ପାର୍ଶ୍ୱରେ ଏବେ ଗଛ ଲଗାଉଛି। ଏହା କୌଣସି ପ୍ରକାରେ ଗଛ ବଞ୍ଚିବ ନାହିଁ । ଯାହାକୁ ସେମାନେ ବିରୋଧ କରିଛନ୍ତି। ଉକ୍ତ ଅଞ୍ଚଳରେ କୌଣସି କମ୍ପାନୀ କରା ନ ଯାଉ, ଅଞ୍ଚଳରେ ପେସା ଆଇନ କାର୍ଯ୍ୟକାରୀ ହେଉ, ୧୯୫୬ ରେଗୁଲେଶନ-୨କୁ କାର୍ଯ୍ୟକାରୀ କରିବା,୨୦୦୬ ଜଙ୍ଗଲ ଜମି ସ୍ୱୀକୃତି ଆଇନକୁ କାର୍ଯ୍ୟକାରୀ କରି ୨୦୨୩ ଜଙ୍ଗଲ ଆଇନ ସଂଶୋଧନକୁ ପ୍ରତ୍ୟାହାର କରିବାକୁ ସମିତି ସମ୍ପାଦକ ନିରଞ୍ଜନ ଖିଲଙ୍କ ସମେତ କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଚାଲିଥିବା ଜନସମ୍ପର୍କ ଯାତ୍ରା ସୋରିଷ ପଦର ପଞ୍ଚାୟତଠାରେ ୧୭ ତାରିଖରେ ଶେଷ କରାଯିବ ବୋଲ ସମିତି ସଭାପତି ବିଜୟ ଖିଲ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମାଜିକ କର୍ମୀ ଚୈତନ୍ୟ ନନ୍ଦିବାଲି, ସେତୁବନ୍ଧ ସୁରକ୍ଷା ସମିତି ସମ୍ପାଦକ ଭଗବାନ ଗୋଲରି, ହାଲ ବିସ୍ଥାପିତ ସଂଘ ସଭାପତି ତ୍ରିଲୋଚନ ମୁଦୁଲି, ଜିଲା ପରିଷଦ ସଭ୍ୟ ମୋହନ ଜାନି ଓ ପଞ୍ଚାୟତଗୁଡିକର ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ଥିଲେ।

# ଜୟପୁରରେ ଆଧ୍ୟାତ୍ମିକ ରାହଗିରିରେ ପ୍ରତିଭା ପ୍ରଦର୍ଶନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଜୟପୁର, ୧୭।୧(ପବନ ପାଣିଗ୍ରାହୀ)

ପୁରୀ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଜୟପୁର ବ୍ଲକ କାର୍ଯ୍ୟାଳୟରେ ସିଧା ପ୍ରସାରଣ କରାଯାଇଥିଲା । ବ୍ଲକର ୨୨ଟି ପଞ୍ଚାୟତରେ ପରିକ୍ରମା ପ୍ରକଳ୍ପର ସିଧା ପ୍ରସାରଣକୁ ଜନସାଧାରଣ ଶ୍ରଦ୍ଧା ଓ ଆଗ୍ରହର ସହଦେଖିଥିଲେ। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଥିଲା। ଏହି ଅବସରରେ ଜୟପୁର ମୁଖ୍ୟରାସ୍ତାରେ ଆଧ୍ୟାତ୍ମିକ ରାହାଗିରି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରଜାନହର ଠାରେ ମୁଖ୍ୟ ଷ୍ଟେଜ କରାଯାଇ ଉଦଘାଟନୀ କାର୍ଯ୍ୟକ୍ରମ କରାଯାଇ ପୁରୀ ଶ୍ରୀମନ୍ଦିର ପ୍ରକଳ୍ପ ଲୋକାର୍ପଣ ଉତ୍ସବର ସିଧା ପ୍ରଶାରଣ ହୋଇଥିଲା। ପୌରପାଳିକା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି, ସମ୍ମାନିତ ଅତିଥି ଭାବେ କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷା ବି. ସୁନିତା, ଉପ ଜିଲାପାଳ ପ୍ରଭାତ ପରିଡା, ଏସ୍‌ଡିପିଓ ହରିସ ବିସି, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର ପ୍ରମୁଖ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟରାସ୍ତାରେ ବାଲୁକା ଶିଳ୍ପ, ଭାରତ ଲୀଳା, ଦଣ୍ଡନାଚ, ରାମଲୀଳା, ଦାସ କାଠିଆ, ପାଲା, କାନଭାସ ଚିତ୍ର, ବେଶ ଚନ୍ଦ୍ରିକା, ଘୁଡିକି, ସଙ୍କୀର୍ତ୍ତନ, ଓଡିଶୀ, ଗୋଟିପୁଅ ନୃତ୍ୟ, ଘୋଡାନାଚ, କାଳୀୟ ଦଳନ ଆଦି ପ୍ରଦର୍ଶନ କରାଯାଇଥିଲା। ପରେ ରଜାନହରଠାରେ ଭଜନ ସମାରୋହ ହୋଇଥିଲା। ଏଥିରେ ସୁନାମଧନ୍ୟ କଳାକାର ଶିବ ଶଙ୍କର ଷଡଙ୍ଗୀ ଓ ଅର୍ପିତା ପଣ୍ଡା ଭଜନ ପରିବେଷଣ କରିଥିଲେ।

# ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଲା ନବରଙ୍ଗପୁର

ନବରଙ୍ଗପୁର/ଡାବୁଗାଁ/ପାପଡ଼ାହାଣ୍ଡି, ୧୭।୧(ସଦାଶିବ ପ୍ରହରାଜ/ ପ୍ରଜ୍ଞାରଞ୍ଜନ ପରିଡା/ ସ୍ୱପ୍ନଜିତ ପଟ୍ଟନାୟକ)

**ସିଧାପ୍ରସାରଣରେ ଦେଖିଲେ ଲୋକାର୍ପଣ ଉତ୍ସବ**



ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ନବରଙ୍ଗପୁରରେ ଆୟୋଜିତ ଶୋଭାଯାତ୍ରା।

ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ବୁଧବାର ଜୟ ଶ୍ରୀଜଗନ୍ନାଥ ଧ୍ୱନି ସହିତ ହୁଳହୁଳି, ଶଙ୍ଖ ମହୁରୀ ଓ ମୃଦଙ୍ଗ ଶବ୍ଦରେ ପ୍ରକମ୍ପିତ ହୋଇଉଠିଥିଲା ନବରଙ୍ଗପୁର ସହର। ସକାଳେ ୭ କୀର୍ତ୍ତନ ମଣ୍ଡଳୀ ସହିତ ଶତାଧିକ ଜଗନ୍ନାଥ ପ୍ରେମୀଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରା ନବରଙ୍ଗପୁର ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିକଟରୁ ବାହାର ପୁରୁଣା ମଣ୍ଡେଇ ପଡିଆ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ବଡ଼ ଏଲଇଡି ମାଧ୍ୟମରେ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଦେଖିଥିଲେ ସହରର ଶତାଧିକ ଜଗନ୍ନାଥ ପ୍ରେମୀ । ଏହି ଅବସରରେ ସଙ୍ଗୀତ ନିର୍ଦ୍ଦେଶକ ଯୁଗଳ କିଶୋର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଭଜନ ସମାରୋହ ଆୟୋଜନ କରାଯାଇଥିଲା। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନି , ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ, ପୌର ଉପାଧ୍ୟକ୍ଷ ସୌମ୍ୟା ମହାପାତ୍ରଙ୍କ ସମେତ ସମସ୍ତ କାଉନସିଲର ଅଭିଭକ୍ତ କୋରାପୁଟ ଜିଲା ଯୁବ ବିଜୁ ଜନତା ଦଳର ଜୋନାଲ ସଭାପତି ତାପସ ତ୍ରିପାଠୀ, ଜିଲା ମହିଳା ବିଜେଡ଼ି ସଭାନେତ୍ରୀ ମଞ୍ଜୁଳା ମାଝୀ, ନବରଙ୍ଗପୁର ଜିଲା ବିଜେଡ଼ି ସାଧାରଣ ସମ୍ପାଦକ ଭୀମ ହରିଜନ, ନଗର ବିଜେଡ଼ି ସଭାପତି ପ୍ରମୋଦ କୁମାର ରଥ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ପଣ୍ଡା, ଜିଲା ବିଜେଡ଼ି ଉପ ସଭାପତି ସରୋଜ କୁମାର ପାତ୍ର ପ୍ରମୁଖ ଶତାଧିକ ଜଗନ୍ନାଥ ପ୍ରେମୀ ଯୋଗ ଦେଇଥିଲେ ।

ସେହିପରି ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଏଲଇଡି ମାଧ୍ୟମରେ ସିଧାପ୍ରସାରଣ ପ୍ରଦର୍ଶିତ କରାଯାଇଥିଲା। ସଭା ସ୍ଥଳରେ ବିଧାୟକ ମନୋହର ରନ୍ଧାରୀ, ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ସିଡିପିଓ ମିନତୀ ଦାସ, ଏମ୍‌ପି ପ୍ରତିନିଧି ଏମ. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ. ଆପ୍ପା ରାଓ, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲାପରିଷଦ ସଭ୍ୟ ଧନସିଂ ଭତରା ଓ ଗୁପ୍ତ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଗନ୍ନାଥ ସଂସ୍କୃତି ଉପରେ ନୃତ୍ୟ, ଭଜନ ଗାନ ପ୍ରତିଯୋଗିତା କରାଯାଇଥିଲା।

ସେହିପରି ପାପଡାହାଣ୍ଡି ବ୍ଲକ ସଦର ମହାକୁମା ନୀଳକଣ୍ଠେଶର ମନ୍ଦିର ପ୍ରାଙ୍ଗଣରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ଦୁର୍ଯ୍ୟୋଧନ ଭୋଇଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝୀ, ଉପାଧ୍ୟକ୍ଷ ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ୫ହାଜରରୁ ଉର୍ଦ୍ଧ ଲୋକ ଉପସ୍ଥିତ ରହି ସିଧାପ୍ରସାରଣ ଦେଖିଥିଲେ ।

# ୩ ପଞ୍ଚାୟତର ଅଭିଭାବକ ଜିଲାପାଳଙ୍କୁ ଭେଟିଲେ

କୁନ୍ଦୁରା,୧୭।୧(ସନ୍ତୋଷ ପ୍ରହରାଜ)

**ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟ ମାନ୍ୟତା ଦାବି**

- ସୁବିଧା ନ ଥିବାରୁ ଅଧାରୁ ପାଠ ଛାଡୁଛନ୍ତି ଛାତ୍ରୀଛାତ୍ର
- ୫ କି.ମି. ବ୍ୟବଧାନରେ ହାଇସ୍କୁଲ ପ୍ରତିଷ୍ଠା ନିୟମକୁ ଅଣଦେଖା



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଅଭିଭାବକ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ଦିଗାପୁର ପଞ୍ଚାୟତବାସୀ ମଙ୍ଗଳବାର କୋରାପୁଟ ସଦଭାବନା ଗୃହରେ ଆୟୋଜିତ ହୋଇଥିବା ଜିଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ ଏମ୍. ଅବଦାଲ ଅଖତାରଙ୍କୁ ଭେଟିଛନ୍ତି। ପଞ୍ଚାୟତରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟ ମାନ୍ୟତା ନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦିଗାପୁର ପଞ୍ଚାୟତ କୁନ୍ଦୁରା ବ୍ଲକର ଏକ ବୃହତ ପଞ୍ଚାୟତ। ପଞ୍ଚାୟତ ସଦରଠାରେ ଶହେ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଏଠାରେ ଯେଉଁଠି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ହେଉଛି। ମାତ୍ର ଏହି ବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ବାହାରୁଥିବା ଛାତ୍ରୀଛାତ୍ର ନିକଟରେ ଉଚ୍ଚ ବିଦ୍ୟାଳୟ ନ ଥିବାରୁ ଅଧିକାଂଶ ଅଧାରୁ ପାଠ ଛାଡ଼ି ଘରେ ରହିଯାଉଛନ୍ତି। ଅନ୍ୟପକ୍ଷରେ ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷା ପାଇଁ ଦିଗାପୁର ପଞ୍ଚାୟତର ପ୍ରାୟ ୧୦/୧୨ କି.ମି. ମଧ୍ୟରେ ଗୋଟିଏ ମଧ୍ୟ ଉଚ୍ଚ ବିଦ୍ୟାଳୟ ନାହିଁ। ସରକାରୀ ନିୟମ ଅନୁସାରେ ୫ କି.ମି. ପରିସୀମା ଭିତରେ ହାଇସ୍କୁଲ ରହିବା କଥା। ଶିକ୍ଷା ବିଭାଗର ଅବହେଳା ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କ ଆନ୍ତରିକତା ଅଭାବରୁ ଦୀର୍ଘ ଦିନ ହେଲା ଦାବି କରାଯାଉଥିଲେ ସୁଦ୍ଧା ଶିକ୍ଷା ବିଭାଗ ଉକ୍ତ ପଞ୍ଚାୟତରେ କିମ୍ବା ଏହାର ୫ କି.ମି. ପରିସୀମା ମଧ୍ୟରେ ଉଚ୍ଚ ବିଦ୍ୟାଳୟଟିଏ ଖୋଲିପାରିନାହିଁ। ଦିଗାପୁର ସଦରଠାରୁ ୧୩ କି.ମି. ଦୂର ଘୁମର ପଞ୍ଚାୟତର କଳାପୋ ଗ୍ରାମରେ ଶିକ୍ଷା ବିଭାଗର ଗୋଟିଏ ହାଇସ୍କୁଲ ରହିଛି। ମାତ୍ର ନିଛାଟିଆ ଜଙ୍ଗଲିଆ ରାସ୍ତା ଯୋଗୁ ସେଠାକୁ ପଢ଼ିବାକୁ ଦିଗାପୁର ପଞ୍ଚାୟତରୁ ଛାତ୍ରୀଛାତ୍ର ଯାଇପାରୁନାହାନ୍ତି। ଛାତ୍ରମାନଙ୍କୁ ମଧ୍ୟ ଛାଡିବାକୁ ଅଭିଭାବକମାନେ ନିରାପଦ ମନେ କରୁନାହାନ୍ତି। ଏ ନେଇ ଦିଗାପୁର ପଞ୍ଚାୟତର ୧୨ଟି ଗ୍ରାମର ଗ୍ରାମବାସୀ ଏବଂ ଘୁମର ପଞ୍ଚାୟତର ବୁରୁଡିପୁଟ, ଘୁମର, ଗଣ୍ଡିଆଗୁଡା, ପକନାଗୁଡା ଏବଂ ମସିଗାଁ ପଞ୍ଚାୟତୟର କଲିଆରିପୁଟ, ବରଗାଁ, ଡାର୍ଲିଗୁଡା, ଯନ୍ତାପୁଟ ଗ୍ରାମର ଶତାଧିକ ଅଭିଭାବକ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଦାବିପତ୍ର ଦେଇ ରହିଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟର ମାନ୍ୟତା ଦେଇ ସେମାନଙ୍କ ପିଲାଙ୍କୁ ଉଚ୍ଚ ଶିକ୍ଷା ଲାଭ ପାଇଁ ସୁଯୋଗ ଦେବାକୁ ନିବେଦନ କରିଛନ୍ତି।

**ସଂକ୍ଷେପରେ**

## ଚୋରି ମାମଲାରେ ୩ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ୍

ରାୟଗଡା,୧୭।୧(ଭାଗ୍ୟଶ୍ରୀ ମିଶ୍ର )

ରାୟଗଡା ଏସ୍‌ଡିଜେଏମ କୋର୍ଟ ବୁଧବାର ଏକ ଚୋରି ମାମଲାର ଶୁଣାଣି କରି ୩ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ଅଭିଯୁକ୍ତମାନେ ହେଲେ ଦେବେନ୍ଦ୍ର କନ୍ଧପାଣି, ଗୋପାଳ ପରିଡା, କାଁହୁ ଖୋସଲା । ଏସ୍‌ଡିଜେଏମ କୋର୍ଟ ଜଜ ବର୍ଷା ଦାସ ବୁଧବାର ୭ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଏହି ରାୟ ଶୁଣାଇଛନ୍ତି।ସୂଚନାଯୋଗ୍ୟ, ୨୦୨୩ ଅଗଷ୍ଟ ୨୭ ତାରିଖ ରାତିରେ ଜେକେପୁରର ବିଶି ରୋଡ଼ଠାରେ ଥିବା ମନୋଜ ସେଲ୍ ପଏଣ୍ଟ ଦୋକାନରୁ ଚୋରି ହୋଇଥିଲା। ଦୋକାନ ମାଲିକ ଅଂଶୁ ସାହ ଚାନ୍ଦିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ କରାଯାଇ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସରକାରଙ୍କର ତରଫରୁ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ମାମଲା ପରିଚାଳନା କରୁଥିବାବେଳେ ଅଭିଯୁକ୍ତଙ୍କ ପକ୍ଷ ରୁ କିଶୋର ସାହୁ ପରିଚାଳନା କରଥିଲେ।

## ଜନଜାତି ସାଂସ୍କୃତିକ ମହୋତ୍ସବ ଆୟୋଜନ ପ୍ରସ୍ତୁତି

ମୁନିଗୁଡ଼ା, ୧୭।୧(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ବ୍ଲକ ଅଭ୍ୟର୍ଥନା ସଭାକକ୍ଷରେ ଆୟୋଜିତ ବ୍ଲକସ୍ତରୀୟ ଅନୁସୂଚିତ ଜନଜାତି ସାଂସ୍କୃତିକ ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ପ୍ରୀତମ କୁମାର ତନ୍ତୀଙ୍କ ସଭାପତିତ୍ୱ ଓ ଗୋଷ୍ଠୀ କଲ୍ୟାଣ ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ବୈଠକ ଆୟୋଜିତ ହୋଇଛି। ଏଥିରେ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ଦୁଃଖିନୀ ନୁଣ୍ଡୁକା, ଜିଲା ପରିଷଦ ସଦସ୍ୟା ମାଧବୀ କନ୍ଧପାଣି,ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀ ଡା.ସବ୍ୟସାଚୀ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ମୁନିଗୁଡ଼ା ବ୍ଲକର ବ୍ଲକ ଆଦିବାସୀ କଳା ସଂସ୍କୃତି ସଂଘ ସଭାପତି ଲକ୍ଷ୍ମୀକାନ୍ତ ନାୟକ, ଆଦିବାସୀ ଉନ୍ନୟନ ପରିଷଦ ସଭାପତି ତ୍ରିପତି କାଲକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଭରତ ଭୋଇ ଓ ପଛୁଆ ବିଭାଗ କଲ୍ୟାଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତଥିଲେ। କଳାକାର ଏବଂ ସେମାନଙ୍କ ବାଦ୍ୟ ସରଞ୍ଜାମ ପରିବହନ ବ୍ୟବସ୍ଥା ପ୍ରସ୍ତାବକୁ ବିଡ଼ିଓ ତନ୍ତୀ ଗ୍ରହଣ କରିଥିଲେ। ୨୦ତାରିଖ କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଜିଲା ଜନଜାତି ଉନ୍ନୟନ ପରିଷଦ ଅଧକ୍ଷ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ଯୋଗଦେବେ ବୋଲି ସୂଚନା ଦେଇଥିଲେ।

## ପାଣି ପଞ୍ଚାୟତ ପକ୍ଷ ପାଳିତ

ଗୁଣପୁର, ୧୭।୧ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରସ୍ଥିତ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟଠାରେ ମଙ୍ଗଳବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଣି ପଞ୍ଚାୟତର ଅଧକ୍ଷ ବାଲି ଗମାଙ୍ଗ, କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଡି.ଏସ୍. କୁମାର, ସହକାରୀ ନିର୍ବାହି ଯନ୍ତ୍ରୀ ଚିନ୍ମୟୀ ମଲିକ, ଦିଲୀପ ମିଶ୍ର, କନିଷ୍ଠ ଯନ୍ତ୍ରୀ ବସନ୍ତ ବେହେରା ଏବଂ ଏସ୍. କର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ବ୍ଲକର ପାଣି ପଞ୍ଚାୟତର ଅଧକ୍ଷ,ଚାଷୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଖଟିଆରେ ବୁହାହେଲେ ୨ ଗର୍ଭବତୀ

ରାୟଗଡ଼ା,୧୭।୧(ଆଶିଷ ରଞ୍ଜନ ପଣ୍ଡା)


ଗର୍ଭବତୀଙ୍କୁ ଭାରରେ ନିଆଯାଉଛି।


ପୁତ୍ର ସନ୍ତାନ ସହ ମହିଳା।

■ ରାୟଗଡ଼ା ଜିଲାରେ ଥମୁନି ଜନନୀ ଯନ୍ତ୍ରଣା

■ କାଶୀପୁର ବ୍ଲକ୍‌ର ବହୁ ଗ୍ରାମ ଅପହଞ୍ଚ

ରାୟଗଡ଼ା ଜିଲାରେ ପିଛା ଛାଡୁନି ଜନନୀ ଯନ୍ତ୍ରଣା । ରାୟଗଡ଼ା ଜିଲା ଗଠନ ହେବାର ୩୨ବର୍ଷ ବିତିଗଲାଣି, ହେଲେ ଆଜି ବି ବହୁ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ଫଳରେ ଦୁର୍ଗମ ଅଞ୍ଚଳବାସୀ ଗମନାଗମନ ସୁବିଧାରୁ ବଞ୍ଚିତ ଅଛନ୍ତି। ବିଶେଷକରି ଜିଲାର କାଶୀପୁର ଓ କଲ୍ୟାଣସିଂହପୁର ବ୍ଲକ ଅପହଞ୍ଚ ଅଞ୍ଚଳ ହୋଇଥିବାରୁ ଗାଁକୁ ଆମ୍ବୁଲାନ୍ସ ଆସିପାରୁ ନାହିଁ। ଫଳରେ ରୋଗୀ ଓ ଗର୍ଭବତୀଙ୍କୁ ଖଟିଆ ଓ ଭାରରେ ବୁହାଇ ହସ୍ପିଟାଲ ନେବାକୁ ପଡୁଛି। ବୁଧବାର ଗୋଟିଏ ଦିନରେ କାଶୀପୁର ବ୍ଲକର ଗୋଡ଼ିବାଲି ପଞ୍ଚାୟତର ଗାଡରାମୁହିଁ ଗ୍ରାମରେ ୨ ଗର୍ଭବତୀଙ୍କୁ ଭାରରେ ବୁହାଇ ନଦୀ ପାରକରି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସରେ ୧୮ କି.ମି. ଦୂର କଲ୍ୟାଣସିଂହପୁର ବ୍ଲକର ସିକରପାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟଙ୍କୁ ଭର୍ତ୍ତି କରାଯାଇଥିଲା। ଉଭୟ ଦୁଇ ପୁତ୍ର ସନ୍ତାନ ଜନ୍ମଦେଇଥିବା ଖବର ମିଳିଛି। ଉଭୟ ମାଆ ଓ ପୁଅ ସୁସ୍ଥ ଥିବା ଡାକ୍ତର ସୂଚନା ଦେଇଛନ୍ତି।

କାଶୀପୁର ବ୍ଲକର ଗାଡରାମୁହିଁ ଗ୍ରାମର ୨ ଗର୍ଭବତୀ ସବିତା ମାଝି ଓ ତୁର୍କିକି ମାଝିଙ୍କ ବୁଧବାର ସକାଳେ ଗର୍ଭଜନିତ ଯନ୍ତ୍ରଣା ହୋଇଥିଲା। ସବିତାଙ୍କ ମା' ଘର ଗାଡରାମୁହିଁ ଗ୍ରାମରେ ହୋଇଥିବା ବେଳେ ତୁର୍କିକିଙ୍କ ଶ୍ୱଶୁରଘର ଗାଡ଼ରାମୁହିଁ। ସବିତାଙ୍କ ବୁଧବାର ଗର୍ଭଜନିତ ଯନ୍ତ୍ରଣା ହେବାରୁ ତାଙ୍କ ସ୍ୱାମୀ ସାଲପୁ କାଡ୍ରାକା ଓ ମାଆ ଘର ଲୋକେ ସବିତାଙ୍କୁ ଖଟିଆରେ ବୋହି ନଦୀ ପାରିହୋଇ ପୁଷଘାଟିକୁ ଆଣିଥିଲେ । ସେହିଭଳି ତୁର୍କିକି ମାଝିଙ୍କୁ ତାଙ୍କ ସ୍ୱାମୀ ତମି ମାଝି ଓ ପରିବାରବର୍ଗ ଖଟିଆରେ ବୋହି ପୁଷଘାଟି ପର୍ଯ୍ୟନ୍ତ ଆଣିଥିଲେ । ସେଠାରୁ ଉଭୟଙ୍କୁ ଆମ୍ବୁଲାନ୍ସରେ ୧୮ କି.ମି. ଦୂର ସିକରପାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା।

ସୂଚନାଯୋଗ୍ୟ, ଗାଡରାମୁହିଁ ଗ୍ରାମରୁ ପୁଷଘାଟି ପ୍ରାୟ ୨କି.ମି. ଦୂର । ୨ ଗ୍ରାମ ମଝିରେ ବୋହୁଛି ନଦୀ । ନଦୀ ଉପରେ ପୋଲ ନ ଥିବାରୁ ଲୋକେ ଯାତାୟାତ ପାଇଁ ବହୁ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ପୁଷଘାଟିଠାରୁ ଗୋଡ଼ିବାଲି ଗ୍ରାମର ଦୂରତା ୩ କି.ମି. ହୋଇଥିବା ବେଳେ ରାସ୍ତା ସମ୍ପୂର୍ଣ୍ଣ ଖରାପ ରହିଛି । ଗୋଡ଼ିବାଲି ଠାରୁ ୨୦ କି.ମି . ଦୂର କାଶୀପୁରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ମଧ ରାସ୍ତା ଖରାପ ଯୋଗୁ ଲୋକେ ଗୋଡ଼ିବାଲିଠାରୁ ୧୫କି.ମି. ଦୂରରେ ରହିଥିବା କଲ୍ୟାଣସିଂହପୁର ବ୍ଲକ ସିକରପାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି । ତେବେ ରାଜ୍ୟ ସରକାର ଗମନାଗମନ ସୁବିଧା ପାଇଁ କୋଟି କୋଟି ଟଙ୍କା ଦେଉଥିବା ଏବଂ ବକ୍ସାଇଟ ଖଣି ପାଇଁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ସହ ଏକ ଇଣ୍ଡଷ୍ଟ୍ରିଆଲ ହବ୍ ପାଲଟିଥିବା କାଶୀପୁର ବ୍ଲକର ବହୁ ଗ୍ରାମ ଆଜିବି ଅପହଞ୍ଚ । କେବଳ କାଗଜକଲମରେ ସୀମିତ ହୋଇଯାଇଛି ଗମନାଗମନ ବ୍ୟବସ୍ଥା । ତେଣୁ ରାଜ୍ୟ ସରକାର କାଶୀପୁର ବ୍ଲକ ଉପରେ ବିଶେଷ ଦୃଷ୍ଟି ଦେଇ ଗମନାଗମନ ସମସ୍ୟାର ସମାଧାନ କରିବାକୁ ବ୍ଲକ ବାସିନ୍ଦା ଦାବି କରିଛନ୍ତି ।

## ଛାତ୍ରୀଛାତ୍ରଙ୍କ କୃଷିବିଜ୍ଞାନ କେନ୍ଦ୍ର ପରିଦର୍ଶନ



ଗୁଣପୁରସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ପରିଦର୍ଶନରେ ଆସିଥିବା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ର।

ରାୟଗଡ଼ା,୧୭।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ବୁଧବାର କୃଷିବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଅଷ୍ଟମ, ନବମ, ଦଶମ ଓ ଏକାଦଶ ଶ୍ରେଣୀର ୨୪୭ ଜଣ ଛାତ୍ରୀଛାତ୍ର ବୁଧବାର ଗୁଣପୁରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ବରିଷ୍ଠ ଶିକ୍ଷକ ତଥା ଷ୍ଟଡି ଟୁର୍ ସଂଯୋଜକ ରମେଶ କୁମାର ସାହୁଙ୍କ ନେତୃତ୍ୱରେ ୬ଟି ବସ୍‌ରେ ବିଦ୍ୟାଳୟରୁ ବାହାରି ଗୁଣପୁର ଯାଇ ଜିଆଇଇଟି ପରିସରରେ ଥିବା କୃଷି ବିଜ୍ଞାନ କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ବିଭିନ୍ନ କୃଷି ଉତ୍ପାଦନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ୧୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ବୁଝାଇବା ସହ କୃଷିର ନୂତନ ଟେକ୍ନୋଲୋଜି ସମ୍ପର୍କରେ ଆଲୋକପାତ କରିଥିଲେ। କୃଷି ସମ୍ପର୍କରେ କ୍ଷେତ୍ରରେ ବିଭିନ୍ନ ନୂତନ କଥା ଜାଣି ଛାତ୍ରୀଛାତ୍ର ଖୁସି ପ୍ରକଟ କରିଥିଲେ। ଆଗାମୀ ଦିନରେ ଏହିଭଳି ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜାରି ରହିବ ବୋଲି ବିଦ୍ୟାଳୟ ତରଫରୁ ସୂଚନା ମିଳିଛି।

## ସ୍ୱଚ୍ଛ ତୀର୍ଥ ଅଭିଯାନରେ ମଝିଘରିଆଣୀ ମନ୍ଦିର ବେଢ଼ା ସଫେଇ



ସମୀର ମହାନ୍ତି, ରାମଚନ୍ଦ୍ର ବେହେରା, ପ୍ରତାପ ପୁଆଲା ପ୍ରମୁଖ ମନ୍ଦିର ବେଢ଼ା ସଫା କରୁଛନ୍ତି।

ରାୟଗଡ଼ା,୧୭।୧(ଆଶିଷ ରଞ୍ଜନ ପଣ୍ଡା)

ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଦିନିକିଆ ରାୟଗଡ଼ା ଗସ୍ତରେ ଆସି ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ତୀର୍ଥ ଅଭିଯାନରେ ଯୋଗଦେଇଥିଲେ। ଏହି ଅବସରରେ ସମୀର ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମଝିଘରିଆଣୀ ମନ୍ଦିର ବେଢ଼ା ସଫେଇ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା, ଜିଲା ସମ୍ପାଦକ ପ୍ରତାପ ପୁଆଲା, ଜିଲା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଡି.ସୁଧୀର କୁମାର, ସମ୍ପାଦକ ଏମ୍‌ଏସ୍‌ଡି ସନ୍ମୁଖ, ଜିଲା ଯୁବମୋର୍ଚ୍ଚା ସଭାପତି ଉମେଶ ଖୋସଲା, ଉପସଭାପତି ପ୍ରିତମ କୁମାର ଏବଂ ଯୁବମୋର୍ଚ୍ଚା ସମ୍ପାଦକ ମହେଶ୍ୱର ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପେନ୍‌ସନ ନ ମିଳିବାରୁ ବ୍ୟାଙ୍କ ସମ୍ମୁଖରେ ବୃଦ୍ଧାଙ୍କ ଧାରଣା

ରାୟଗଡ଼ା,୧୭।୧ (ଭାଗ୍ୟଶ୍ରୀ ମିଶ୍ର)


ବ୍ୟାଙ୍କ ସମ୍ମୁଖରେ ଧାରଣାରତ ମହିଳା।

ଜଣେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀଙ୍କୁ ପେନ୍‌ସନ ନ ମିଳିବାରୁ ବୃଦ୍ଧା ଜଣକ ବୁଧବାର ରାୟଗଡ଼ା ଏସ୍‌ବିଆଇ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ସହ ଧାରଣାରେ ବସିଛନ୍ତି। ଯେ ପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ନ ମିଳିଛି ସେ ଧାରଣାରେ ବସି ରହିବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ରାୟଗଡ଼ା ବନ ବିଭାଗରେ ଫରେଷ୍ଟ ଗାର୍ଡ ଭାବେ ସତ୍ୟବାଦୀ ମହାନ୍ତି ଚାକିରି କରୁଥିଲେ। ୨୦୦୩ରେ ତାଙ୍କ ମୃତ୍ୟୁ ହୋଇଥିଲା। ପରେ ତାଙ୍କ ସ୍ତ୍ରୀ ଶକୁନ୍ତଳା ମହାନ୍ତି ପେନ୍‌ସନ ପାଇଁ ରାୟଗଡ଼ା ବନ ବିଭଗ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ୨୦୨୧ରେ ଶକୁନ୍ତଳାଙ୍କ ସମସ୍ତ କାଗଜପତ୍ର ଭୁବନେଶ୍ୱର ଏଜି ଅଫିସକୁ ପଠାଯାଇଥିଲା। ହିତାଧିକାରୀଙ୍କୁ ପେନ୍‌ସନ ଦେବା ପାଇଁ ସେଠାରୁ ସମସ୍ତ କାଗଜ ଏବଂ ଅର୍ଡର ରାୟଗଡ଼ା ଟ୍ରେଜେରି କାର୍ଯ୍ୟାଳୟକୁ ପଠାଯିବାରୁ ସେମାନେ ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ପେନ୍‌ସନ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହା ଭିତରେ ଦୀର୍ଘ ମାସ ବିତିଯାଇଥିଲେ ମଧ ଏସ୍‌ବିଆଇ କର୍ତ୍ତୃପକ୍ଷ ହିତାଧିକାରୀଙ୍କୁ ପେନ୍‌ସନ ପ୍ରଦାନ କରୁ ନ ଥିବା ଶକୁନ୍ତଳା ଅଭିଯୋଗ କରିଛନ୍ତି । ବ୍ୟାଙ୍କ କର୍ତ୍ତୃପକ୍ଷ ପେନ୍‌ସନ ଟଙ୍କା ଆସିଯାଇଛି, ତେଣୁ ତାଙ୍କୁ ପ୍ରାୟ ୪୦ ହଜାର ଟଙ୍କା ବାନ୍ଧିଲେ ଡିସେମ୍ବର ସୁଦ୍ଧା ପେନ୍‌ସନ ମିଳିବ ବୋଲି କହିଥିଲେ। ଫଳରେ ସେ ଧାରକରଜ କରି ଟଙ୍କା ବାନ୍ଧିଥିଲେ। ପେନ୍‌ସନ ମିଳି ନ ଥିବାରୁ ସେ ଧାରଣା ଦେଇଥିବା ଶକୁନ୍ତଳା କହିଛନ୍ତି । ଏନେଇ ରାୟଗଡ଼ା ଏସ୍‌ବିଆଇ ମୁଖ୍ୟ ଶାଖାର ମୁଖ୍ୟ ପ୍ରବନ୍ଧକ ମନୋଜ କୁମାର ବେହେରାଙ୍କୁ ପଚାରିବାରୁ ହିତାଧିକାରୀଙ୍କୁ ପେନ୍‌ସନ ଦେବାର ବ୍ୟବସ୍ଥା କରିଥିଲୁ, କିନ୍ତୁ ତାଙ୍କର କେହି ପୋଷ୍ୟପୁତ୍ର କୋର୍ଟ ଅର୍ଡର କରିଥିବାରୁ ଏହା ବିଳମ୍ବ ହେଉଛି ବୋଲି କହିଥିଲେ।

## ମଦ ଭାଟିରେ ଚଢ଼ାଉ, ଜଣେ ଗିରଫ

ଟିକିରି,୧୭।୧(ପ୍ରଫୁଲ୍ଲ କୁମାର ବେହେରା)

କଳାହାଣ୍ଡି ଓ ରାୟଗଡା ଜିଲା ସୀମାନ୍ତ ଅଞ୍ଚଳର ବେଆଇନ ମଦଭାଟି ଉପରେ କାଶୀପୁର ଥାନା ପକ୍ଷରୁ ବୁଧବାର ପୁଣି ଚଢ଼ାଉ କରାଯାଇ ବହୁ ପରିମାଣର ମହୁଲ ଓ ପୋଚ ନଷ୍ଟ କରାଯାଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି । କାଶୀପୁର ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାଏକଙ୍କ ନେତୃତ୍ୱରେ ଏକ ଟିମ ଜିଲା ସୀମାନ୍ତରେ ଅବସ୍ଥିତ ଏକାଧିକ ଗ୍ରାମରେ ଥିବା ବେଆଇନ ମଦଭାଟି ଉପରେ ଚଢ଼ାଉ କରିଥିଲେ। ଏଥିରେ ମଦ ରାନ୍ଧିବା ପାଇଁ ପ୍ରସ୍ତୁତ ଥିବା ୨୫୦୦ କେଜିର ମହୁଲ ଓ ଗୁଡ଼ ପୋଚକୁ ପୋଲିସ ନଷ୍ଟ କରିବା ସହ ବ୍ୟବହୃତ ସରଞ୍ଜାମ ସବୁ ଜବତ କରିଛି । ଆଗାମୀ ଦିନରେ ପାଟ୍ରୋଲିଂ ବ୍ୟାପକ କରାଯାଇ କାଶୀପୁର ଅଞ୍ଚଳକୁ ମଦମୁକ୍ତ କରିବାକୁ ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାଏକ ପ୍ରକାଶ କରିଛନ୍ତି ।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭଖୁଣ୍ଟି ସ୍ଥାପନ

ଗୁଡାରି, ୧୭।୧ (ପ୍ରମୋଦ କୁମାର ପତି )

ରାୟଗଡ଼ା ଜିଲା ଗୁଡାରିର ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମନ୍ଦିର ପ୍ରତିଷ୍ଠା ନିମନ୍ତେ ବୁଧବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଆସନ୍ତା ଫେବୃଆରୀ ୧୩ରୁ ୧୯ ତାରିଖ ପର୍ଯ୍ୟନ୍ତ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ୧୬ରେ ମନ୍ଦିରର ରତ୍ନମୁଦ ସ୍ଥାପନ ହେବ ଏବଂ ୧୯ ତାରିଖରେ ଗର୍ଭଗୃହରେ ଭଗବାନ ପ୍ରବେଶ କରିବେ । ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ କମିଟି ସଦସ୍ୟ, ସହରର ଜଗନ୍ନାଥ ଭକ୍ତ ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ରାଜ ପୁରୋହିତ ରାମ ପ୍ରସାଦ ରଥ, ଲଡୁ କିଶୋର ରଥ, ସତ୍ୟପୀର ମହାପାତ୍ର ଓ ଉଦ୍ଧବ ମହାପାତ୍ର ପୂଜା କାର୍ଯ୍ୟ ସମାପନ କରିଥିଲେ। କର୍ତ୍ତା ଭାବେ ସଭାପତି ପ୍ରଭାକର ରଥ ଦାୟିତ୍ୱ ତୁଲାଇ ଥିଲେ ।

# ବାଘୁଆ ଦେଉଳ ପଛ ପଡ଼ିଆରେ ହେବ ବଂଶଧାରା ବସନ୍ତ ମହୋତ୍ସବ

ଗୁଣପୁର,୧୭।୧(ପ୍ରଦୀପ କୁମାର ପାଢ଼ୀ )


ସ୍ଥାନ ଚିହ୍ନଟ ପାଇଁ ଯାଇଥିବା ମାନ୍ୟଗଣ୍ୟ ବ୍ୟକ୍ତି।

ଚଳିତ ବର୍ଷ ଗୁଣପୁରର ଦ୍ୱାଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ସ୍ଥାନୀୟ ବାଘୁଆ ମନ୍ଦିର ପଛପଟ ପଡିଆରେ ଅନୁଷ୍ଠିତ ହେବ । ବୁଧବାର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ଏବଂ ସ୍ଥାନ ଅନୁଧ୍ୟାନ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି । କାନ୍ୟାକା ପରେମେଶ୍ୱରୀ ମନ୍ଦିର ପରିସରରେ ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗତବର୍ଷ ଉତ୍ସବ ହୋଇଥିବା ବଳରାମ ନଗରସ୍ଥିତ ସରକାରୀ ପଡିଆ, ପୁରୁଣା ଗୁଣପୁରରେ ଥିବା ରାଜୀବ ଗାନ୍ଧୀ ପଡିଆ ଓ ବାଘୁଆ ଦେଉଳ ପଛପଟେ ଲାଗିକରି ଥିବା ପଡିଆ ସମ୍ପର୍କରେ ଆଲୋଚନା ହୋଇଥିଲା। ଉତ୍ସବରେ ହେଉଥିବା ଜନଗହଳି, ଟ୍ରାଫିକ, ପାର୍କିଂ ଓ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି କେଉଁ ପଡିଆ ହେଲେ ଭଲ ହେବ, ସେ ନେଇ ସଦସ୍ୟମାନଙ୍କ ମତାମତ ଲୋଡା ଯାଇଥିଲା। ୩ଟି ସ୍ଥାନ ଅନୁଧ୍ୟାନ କରିବା ପରେ ଶେଷରେ ବାଘୁଆ ଦେଉଳ ପଛପଟ ପଡିଆ ପାଇଁ ଚୁଡାନ୍ତ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ଏସ. ବାବା ପ୍ରଶାଦ, ପୌର ଉପାଧକ୍ଷ ଶିବ ପ୍ରଶାଦ ଗୌଡ, ବରିଷ୍ଠ ସଦସ୍ୟ ଏଲ. ଗୋପାଳରାଓ, ଉମା ଚରଣ ପଟ୍ଟନାୟକ, ଭାଗିରଥି ବିଶୋୟୀ, କୈଳାସ ଦାସଙ୍କ ସମେତ, ଉମା ଦାସ, ରାଜେଶ ପାଢି, ରାମ ପଣ୍ଡା, ପ୍ରମୋଦ ଦାସ, ଲକ୍ଷ୍ମୀ ମହାଙ୍କୁଡ, ମୀନକେତନ ନାଗ, ବିମଳ ମିଶ୍ର, ରମେଶ ମିଶ୍ର, ସପନ ଦାସ, ଶିବ ପାଢି, ଅଜିତ ପଣ୍ଡା, ମୁନା ପାଢି, ପ୍ରଶାନ୍ତ ମିଶ୍ର, ପ୍ରଶାନ୍ତ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀରାମ ମନ୍ଦିର ପ୍ରତିଷ୍ଠାରେ ଲାଗିବ ୧୨ ଫୁଟର ଦୀପ



ଶେଷ ପର୍ଯ୍ୟାୟରେ ଥିବା ଦୀପ ନିର୍ମାଣ କାର୍ଯ୍ୟ।

ଗୁଣପୁର,୧୭।୧(ପ୍ରଦୀପ କୁମାର ପାଢ଼ୀ)

୨୨ ତାରିଖରେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ହେବ। ଏଥିଲାଗି ସାରା ଦେଶରେ ଖୁସି ଏବଂ ଉତ୍ସାହର ବାତାବରଣ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲା ଗୁଣପୁରଠାରେ ମଧ ପ୍ରସ୍ତୁତି ଚାଲିଛି। ନୂତନ ବସ୍‌ଷ୍ଟାଣ୍ଡସ୍ଥିତ ବିଶ୍ୱକର୍ମା ୱାର୍କଶପ୍‌ଠାରେ ନିର୍ମାଣ ହେଉଛି ୧୨ ଫୁଟ ଲମ୍ବ ଏବଂ ୬ ଫୁଟ ଓସାରର ବିରାଟ ଦୀପ । ଏହି ଦୀପକୁ ୱାର୍କଶପର ନାରାୟଣ ମହାରଣା ନିର୍ମାଣ କରୁଛନ୍ତି। ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଦିନ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଏହି ଦୀପ ଲଗାଯିବ। ୩ ଇଞ୍ଚର ସଳିତା ଏଥିରେ ଲାଗିବ। ଏହି ଦୀପରେ ୧୪୦୦ ଲିଟର ତେଲ ଖର୍ଚ୍ଚ ହେବ ବୋଲି ନାରାୟଣ ମହାରଣା କହିଛନ୍ତି। ଏହି ଦୀପ ନିର୍ମାଣ କରି ସେ ବହୁ ଭାଗ୍ୟବାନ୍ ଏବଂ ଖୁସିଥିବା କହିଛନ୍ତି।

# କଲେଜରେ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

ଗୁଣପୁର, ୧୭।୧(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ ଯୋଜନା ଅନ୍ତର୍ଗତ ନୂଆ-ଓ ମାଧମରେ ମଙ୍ଗଳବାର ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମୋହନ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ଶଶିଭୂଷଣ ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଓଡ଼ିଆ ଭାଷାର ଅବଦାନ, ତା'ର ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ସାହିତ୍ୟିକ ଡ. କମଳ କୃଷ୍ଣ ତ୍ରିପାଠୀ ଯୋଗଦେଇ ଓଡ଼ିଆ ଭାଷାର ଐତିହ୍ୟ ଉପରେ ବର୍ଣ୍ଣନା କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ତ୍ରିପତି ମହାନ୍ତି ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ତା'ର ସୁରକ୍ଷା ଉପରେ ତଥ୍ୟ ପ୍ରତିପାଦନ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଗୋକୁଳାନନ୍ଦ ସାହୁ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବା ବେଳେ କାର୍ଯ୍ୟକ୍ରମର ନୋଡାଲ ଅଫିସର ଜଗନ୍ନାଥ ଦୀପ ପ୍ରତିଯୋଗିତା ବିଷୟରେ ସୂଚନା ଦେଇଥିଲେ । ପ୍ରଥମ ଦିନରେ ପ୍ରବନ୍ଧ ଲିଖନ, ହସ୍ତାକ୍ଷର ଓ କବିତା ଆବୃତ୍ତି ପ୍ରତିଯୋଗିତା କରାଯାଇଥିଲା ।

ସେହିଭଳି ଡମ୍ବସରାସ୍ଥିତ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାହିତ୍ୟ ପ୍ରତିଯୋଗିତାକୁ ସ୍ଥାନୀୟ ସରପଞ୍ଚ ସନ୍ତୋଷୀ ଶବର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଗୁଣପୁର ଶତାୟୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହା ଯୋଗଦେଇ ମାତୃଭାଷାର ଉନ୍ନତି ତଥା ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ନିମନ୍ତେ ସରକାରଙ୍କ ଯୋଜନାର ପ୍ରଶଂସା କରିଥିଲେ। ନୋଡାଲ ଅଫିସର ଓଡ଼ିଆ ଅଧ୍ୟାପକ ଶେଷସାୟୀ ସେନାପତି ଭାଷା ସାହିତ୍ୟର ବିକାଶରେ ସମାଜର ସର୍ବାଙ୍ଗୀନ ବିକାଶ ସହିତ ଜଗନ୍ନାଥ ସଂସ୍କୃତି ଓ ଦର୍ଶନ ଯୁବସମାଜକୁ ଦିଗଦର୍ଶନ ପ୍ରଦାନ କରିବ ବୋଲି କହିଥିଲେ। ଅଧକ୍ଷ ବିଦ୍ୟାଧର ନାହାକ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ହୋତା, ସନ୍ତୋଷ କୁମାର ହୋତା ଅତିଥିଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ। ଅଧ୍ୟାପକ ନିଖିଳାସ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



ଗୁଣପୁର କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ, ଛାତ୍ରୀଛାତ୍ର ଉଦ୍‌ବୋଧନ ଦେଉଛନ୍ତି।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସିଧା ପ୍ରସାରଣ ଦେଖିଲେ ଶ୍ରଦ୍ଧାଳୁ


ଗୁଣପୁର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।


ବିଷମକଟକରେ ବିଭୋର ଶ୍ରଦ୍ଧାଳୁ।

ଗୁଣପୁର/ଟିକିରି/ମୁନିଗୁଡ଼ା,୧୭।୧ (ପ୍ରଦୀପ କୁମାର ପାଢୀ/ ପ୍ରଫୁଲ୍ଲ କୁମାର ବେହେରା/ରାଧେଶ୍ୟାମ ଅଗ୍ରୱାଲ)

ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ବୁଧବାର ଜୟ ଶ୍ରୀଜଗନ୍ନାଥ ଧ୍ୱନି ସହିତ ହୁଳହୁଳି, ଶଙ୍ଖ ମହୁରୀ ଓ ମୃଦଙ୍ଗ ଶବ୍ଦରେ ପ୍ରକମ୍ପିତ ହୋଇ ଉଠିଥିଲା ରାୟଗଡ଼ା ଜିଲା । ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ଗୁଣପୁରଠାରେ ସିଧା ପ୍ରସାରଣ କରାଯିବାର ବ୍ୟବସ୍ଥା କରାଯାଇଥିଲା। ଏଥିଲାଗି ନୂତନ ବସଷ୍ଟାଣ୍ଡସ୍ଥିତ ଚଇତି ମଣ୍ଡପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପୌର ପରିଷଦ ପକ୍ଷରୁ ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପୁରୀ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଦ୍ୱାରା ଲୋକାର୍ପିତ ହୋଇଥିବା କାର୍ଯ୍ୟକ୍ରମକୁ ଲୋକମାନେ ଉତ୍ସାହ ସହକାରେ ଉପଭୋଗ କରିଥିଲେ। ସ୍ଥାନୀୟ କଳାକାର ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ନୃତ୍ୟ, ସଂଗୀତ, ଭଜନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁଣପୁରଠାରେ ହୋଇଥିବା କାର୍ଯ୍ୟକ୍ରମ ସମୟରେ ବିଧାୟକ ରଘୁନାଥ ଗମାଙ୍ଗ, ପୌର ପରିଷଦ ଅଧକ୍ଷା ମମତା ଗୌଡ, ଉପାଧକ୍ଷ ଶିବ ପ୍ରସାଦ ଗୌଡ଼, ନିର୍ବାହି ଅଧିକାରୀ ସ୍ୱସ୍ତିକ ଜମାଦାର, ତହସିଲଦାର ଲିଳାବତୀ ଆଚାର୍ଜ୍ଜିଙ୍କ ସମେତ ବିଭନ୍ନ ୱାର୍ଡର କାଉନସିଲର ଏବଂ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।

ସେହିପରି ଟିକିରି ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀ ଜଗନ୍ନାଥ ପରିକ୍ରମା ଲୋକାର୍ପଣ ଉତ୍ସବ ସିଧାପ୍ରସାରଣ ହୋଇଥିଲା। ଟିକିରି ସରପଞ୍ଚ, ପିଇଓ, ଏମବିକେ,ସମସ୍ତ ମହିଳା ମଣ୍ଡଳ ଓ ଜନସାଧାରଣ ଉପସ୍ଥିତ ରହି ଏଲଇଡି ଟିଭି ଜରିଆରେ କାର୍ଯ୍ୟକ୍ରମ ଦେଖିଥିଲେ। ମନ୍ଦିର ପରିସରରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ମୁନିଗୁଡ଼ା ଜଗନ୍ନାଥ ମନ୍ଦିର ପରିସରରେ ପଞ୍ଚାୟତ ସମିତି ଅଧକ୍ଷା ଦୁଃଖିନୀ ନୁଣ୍ଡୁକା,ବିଡ଼ିଓ ପ୍ରିତମ କୁମାର ତନ୍ତୀ,ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଜଗନ୍ନାଥ ନୁଣ୍ଡୁକା, ସହକାରୀ ମୁଖ୍ୟ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ, ସହକାରୀ ଯନ୍ତ୍ରୀ ଅଶୋକ ପାତ୍ର, କନିଷ୍ଠ ଯନ୍ତ୍ରୀ ରାମଚନ୍ଦ୍ର ସୁତାର ପ୍ରମୁଖ ଉପସ୍ଥିତ ରହି ଏହି ଦିବ୍ୟ ମୁହୂର୍ତ୍ତକୁ ସର୍ବ ସାଧାରଣ ନିମନ୍ତେ ଦେଖାଇବାର ବ୍ୟବସ୍ଥା କରିଥିଲେ। ଅନେକ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ସାଂସ୍କୃତିକ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ୨୧ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି, ୧୭ା୧ (ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଆଦର୍ଶ ଥାନା ପୋଲିସ ଜଣେ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଉତ୍ତରପ୍ରଦେଶ ରାଜ୍ୟ ମେରଟ ଅଞ୍ଚଳର ଶୁଭମ ଶର୍ମା (୧୯)। ସୂଚନା ଅନୁଯାୟୀ, ଚାଲାଣପାରା ଅଞ୍ଚଳରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଶୁଭମ ଗୋଟିଏ ବ୍ୟାଗରେ ଗଞ୍ଜେଇ ଧରି ଠିଆ ହୋଇଥିଲେ। ଏନେଇ ମାଲକାନଗିରି ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଏସ୍‌ଆଇ ପ୍ରଭାତ ଗେଡ ଟିମ୍ ନେଇ ସେଠାରେ ଚଢାଉ କରିଥିଲା। ବ୍ୟାଗ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ବାହାରିଥିଲା। ପୋଲିସ ଶୁଭମଙ୍କୁ ଗିରଫ କରିଥିବା ବେଳେ ବ୍ୟାଗରେ ଥିବା ୨୧ କିଲୋ ଗଞ୍ଜେଇ ଜବତ କରିଥିଲା। ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ପାଇଁ ସେ ବସ୍‌କୁ ଅପେକ୍ଷା କରିଥିବା ନେଇ ପଚରାଉଚୁରା ବେଳେ ଜଣାପଡିଥିଲା। ଏନେଇ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଏସଆଇ ମାନସୀ ବେହେରା ତଦନ୍ତ କରୁଛନ୍ତି। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି।

### ଆଜିଠୁ ସମୂହ ଛୁଟିରେ ଯିବେ ପ୍ରାଣୀ ଚିକିତ୍ସକ

ମାଥିଲି, ୧୭ା୧ (ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ପ୍ରାଣୀ ଚିକିତ୍ସକମାନେ ନିଜର ଦାବି ପୂରଣ ପାଇଁ ବାରମ୍ବାର କହୁଛନ୍ତି। ଏଥିରେ ସରକାର ପ୍ରତିଶ୍ରୁତି ଦେଉଥିଲା ବେଳେ କୌଣସି ସମସ୍ୟାର ସମାଧାନ ହୋଇପାରୁନାହିଁ। ଏ ନେଇ ମାଲକାନଗିରି ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ୧୮ତାରିଖ ଅର୍ଥାତ୍ ଗୁରୁବାରଠାରୁ ସମୂହ ଛୁଟିରେ ଯିବା ନେଇ ନିଷ୍ପତ୍ତି ନେଇଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଚିକିତ୍ସାରେ ସହଯୋଗ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ କରାଯାଉନାହିଁ କିମ୍ବା ପଦୋନ୍ନତି ଦିଆଯାଉନାହିଁ। ଡାକ୍ତରମାନେ ଚାପଗ୍ରସ୍ତ ହୋଇ କାମ କରିବା ପାଇଁ ବାଧ ହେଉଛନ୍ତି। ସେହିପରି କାର୍ଯ୍ୟ ସମୟରେ ଓ ଛୁଟିଦିନରେ ମଧ୍ୟ ସରକାରୀ କାମ ପାଇଁ ବାଧ କରାଯିବା କାର୍ଯ୍ୟ ସମୟ ପରେ ପ୍ରାଇଭେଟ ପ୍ରାକ୍ଟିସ କରୁଥିବା ପ୍ରାଣୀ ଚିକିତ୍ସକଙ୍କୁ ବିଭିନ୍ନ ପ୍ରକାର ହଇରାଣ କରାଯାଉଛି। ପ୍ରାଣୀପାଳନ ବିଭାଗର ସମ୍ପୂର୍ଣ୍ଣ ରୂପାନ୍ତରଣ ସହ ସେଥିପାଇଁ ଆବଶ୍ୟକ କ୍ୟାଡର ପୁନର୍ଗଠନ ହେବା ଦରକାର। କେନ୍ଦ୍ରୀୟ ହାରରେ ଡିଏସିପି ଏନ୍‌ପିଏ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ଶିକ୍ଷାଗତ ଓ ବୃତ୍ତିଗତ ସମାନତା ଆଧାରରେ ପଞ୍ଚମ, ଷଷ୍ଠ ଓ ସପ୍ତମ ବେତନ ସାଧାରଣ ବର୍ଗ ଡାକ୍ତର ଓ ପ୍ରାଣୀ ଚିକିତ୍ସକଙ୍କ ପାଇଁ ସମାନ ଦରମା ଓ ପଦୋନ୍ନତି ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି। ବରଷ୍ଠ ପ୍ରମୁଖ ବହୁବାର ସଂଘ ସହ ଆଲୋଚନା କରିବାରୁ ପ୍ରତିଶ୍ରୁତି ମିଳିଛି କିନ୍ତୁ ସମାଧାନ ହୋଇପାରୁନାହିଁ। ବୁଧବାର ମଧ୍ୟରେ ଯଦି ସରକାର ଅଭିଯୋଗଗୁଡିକୁ ବିଚାରକରି ବିଜ୍ଞପ୍ତି ପ୍ରକଶ ନ କରନ୍ତି ତେବେ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ୧୮ତାରିଖରୁ ସମୂହ ଛୁଟିରେ ଯିବେ ବୋଲି ମାଥିଲି ବ୍ଲକର ପ୍ରାଣୀ ଚିକିତ୍ସକମାନେ ଜଣାଇଛନ୍ତି।

### ନେହେରୁ ଯୁବକେନ୍ଦ୍ରର ଜାତୀୟ ଯୁବସପ୍ତାହ ପାଳନ

ମାଲକାନଗିରି, ୧୭ା୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାର ବିଭିନ୍ନ ଛକରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ବୁଧବାର ଜାତୀୟ ଯୁବ ସପ୍ତାହ ପାଳନ ଅବସରରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଓ ଯାତ୍ରୀଙ୍କ ନିମନ୍ତ୍ରଣ ସ୍ୱେଚ୍ଛାକୃତ ସମର୍ଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଯୁବ ସପ୍ତାହ ପାଳନ ଅବସରରେ ସଡକ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଛି। ଏଥିରେ ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ହରିଶ ରୂପାଲଙ୍କ ସମେତ ଶତାଧିକ ସ୍ୱେଚ୍ଛାସେବୀ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯାତ୍ରୀମାନଙ୍କୁ ସଚେତନ କରିଥିଲେ। ଯାତ୍ରୀଙ୍କୁ ଗାଡି ଚଲାଇବା ବେଳେ ହେଲ୍‌ମେଟ ପିନ୍ଧିବା, ଗାଡ଼ି ଧୀରେ ଚଲାଇବା, ନିଶାସକ୍ତ ହୋଇ ଗାଡି ନ ଚଲାଇବା, ସିଟ୍ ବେଲ୍ଟ ବାନ୍ଧିବା ସମେତ ସମସ୍ତ ସଡକ ସୁରକ୍ଷା ନିୟମ ଉପରେ ସଚେତନ କରିଥିଲେ।

# ଆବାସିକ ବିଦ୍ୟାଳୟ ଛାତ୍ରୀଛାତ୍ର ଫେରି ନ ଥିବାରୁ ମୁଣ୍ଡବ୍ୟଥା

ମାଲକାନଗିରି, ୧୭ା୧ (ଦୁର୍ଯ୍ୟୋଧନ ପାତ୍ର)

ଛୁଟିରେ ଛାତ୍ରାବାସ ଛାଡ଼ି ବହୁ ଛାତ୍ରୀଛାତ୍ର ନିଜ ଘରକୁ ଯାଇଥିବା ବେଳେ ଅଧିକାଂଶ ଛାତ୍ରାବାସକୁ ଫେରି ନ ଥିବା ବିଶେଷ ସୂତ୍ରରୁ ଜଣାପଡଛି। ଆଦିବାସୀ ଅଞ୍ଚଳରେ ଏହି ଋତୁରେ ବିଭିନ୍ନ ପର୍ବପର୍ବାଣି ପାଳନ ହେଉଥିବା ବେଳେ ଯେଉଁ ଛାତ୍ରୀଛାତ୍ର ଘରକୁ ଯାଆନ୍ତି ସେମାନେ ଛୁଟି ପରେ ମଧ୍ୟ ବିଦ୍ୟାଳୟକୁ ଫେରି ନାହାନ୍ତି କିମ୍ବା ଅଭିଭାବକମାନେ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଆଗାମୀ ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍ ରହିବା ସମ୍ଭାବନା ରହିଛି। ଏଥିସହ ବାର୍ଷିକ ପରୀକ୍ଷା ମାତ୍ର ଦେଢମାସ ଥିବା ବେଳେ ସମସ୍ତ ସିଲାବସ୍ ଅନୁଯାୟୀ ଛାତ୍ରୀଛାତ୍ରମାନେ ନିଜ ନିଜର ପାଠ୍ୟ ଖସଡ଼ା ସମ୍ପୂର୍ଣ୍ଣ କରିପାରିବେ ନାହିଁ। ଅନ୍ୟ ଦିଗରେ ମାଲକାନଗିରି ଜିଲାରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସଂଖ୍ୟା କମ୍ ଥିବା ଏବଂ ବିଭିନ୍ନ ସରକାରୀ କାର୍ଯ୍ୟରେ କାର୍ଯ୍ୟାଳୟକୁ ଯାତାୟାତ କରୁଥିବା ଯୋଗୁ ଶିକ୍ଷା ଦେବାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅନେକ ଶିକ୍ଷାବିତ୍ ମତ ପ୍ରକାଶ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଦ୍ୟାଳୟଗୁଡିକରେ ଶତ ପ୍ରତିଶତ ଉପସ୍ଥାନ ନ ହେଲେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟ ଦିଗରେ ଛୁଟି ସମୟରେ ହଷ୍ଟେଲ ଛାଡି ଘରକୁ ଯାଇଥିବା ଛାତ୍ରୀଛାତ୍ରମାନେ ନିର୍ଦ୍ଦିଷ୍ଟ ସମୟରେ ବିଦ୍ୟାଳୟକୁ ଆସିବା ଦାୟିତ୍ୱ ଏହି ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଉପରେ ହିଁ ରହିଥାଏ। ଏଣୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଚିନ୍ତାରେ ପଡିଥିବା ଶିକ୍ଷାବିତ୍ ପ୍ରକାଶ ପଟ୍ଟନାୟକ କହିଛନ୍ତି।

## ଆଦିବାସୀ ଯୁବପିଢ଼ିଙ୍କ ନାସିକ, ଥିରୁଭାନନ୍ତପୁରମ୍ ଗସ୍ତ

ମାଲକାନଗିରି, ୧୭ା୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଏସ୍‌ଏଫ୍ ତରଫରୁ ଆଦିବାସୀ ଯୁବକଯୁବତୀମାନେ କେରଳର ଥିରୁଭାନନ୍ତପୁରମ୍ ଓ ମହାରାଷ୍ଟ୍ରର ନାସିକ ଗସ୍ତ କରିଛନ୍ତି। ବିଏସ୍‌ଏଫ୍ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା ବୁଧବାର ଚିତ୍ରକୋଣ୍ଡା ବ୍ଲକ ବଡ଼ପଡ଼ା, ଖଜୁରିଗୁମ୍ମା, ମୁଦାମ୍ଭ, ସିଲିଗୁମ୍ମା, ସର୍କୁବନ୍ଧ, କାଦଗୁମା, କମାରଗୁଡ଼ା, ଅଞ୍ଜରିୟାଗୁଡା, ଲାମ୍ୱାସିଙ୍ଗ, ରାଗିଣିଗୁଡା, ଡଙ୍ଗରପଦର, ବାଙ୍ଗୁରୁପଡ଼ା ଓ ଗଡ଼ିପୁଟ ଆଦି ଅଞ୍ଚଳର ୪୦ ଯୁବତୀଯୁବକଙ୍କ ମଧ୍ୟରୁ ୨୦ ଜଣ ଥିରୁଭାନନ୍ତପୁରମ୍ ଓ ୨୦ ଜଣଙ୍କୁ ନାସିକ ପଠାଇଛନ୍ତି। ଏହି ଯୁବପିଢ଼ି ଆସନ୍ତା ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ଥିରୁଭାନନ୍ତପୁରମ୍ ଓ ନାସିକର ବିଭିନ୍ନ ପର୍ଯ୍ୟଟନସ୍ଥଳ ଭ୍ରମଣ



ନାସିକ, ଥିରୁଭାନନ୍ତପୁରମ ଗସ୍ତରେ ଯାଉଥିବା ଆଦିବାସୀ ଯୁବତୀ ଯୁବକମାନେ।

କରିବା ସହ ସେଠାକାର ରାଜନୈତିକ ନେତା, ବିଭିନ୍ନ ମନ୍ତ୍ରୀ, ସିନେ ତାରକା ଓ ପୌରାଣିକ ସ୍ଥଳ ଇତ୍ୟାଦି ଭ୍ରମଣ କରିବେ। କାର୍ଯ୍ୟକ୍ରମରେ ବିଏସ୍‌ଏଫ୍ ଦ୍ୱିତୀୟ ବାଟାଲିୟନ କମାଣ୍ଡାଣ୍ଟ ବରୁଣେନ୍ଦ୍ର ପ୍ରଦାପ ସିଂ, ଡେପୁଟି କମାଣ୍ଡାଣ୍ଟ ଶୁଭଞ୍ଜନ ମହାପାତ୍ର, ନେହେରୁ ଯୁବ ସଂଘ ଜିଲା ଅଧିକାରୀ ହରିଶ ରୂପାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହାଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ଯୁବପିଢ଼ି ଜ୍ଞାନ ଶକ୍ତି ବଢ଼ିବା ସହ ଦେଶର ବହୁ ପୌରାଣିକ ଓ ପର୍ଯ୍ୟଟନସ୍ଥଳୀ ଭ୍ରମଣ କରି ଦେଖିପାରିବେ।

## ମାଛ ଧରିବାକୁ ଯାଇ ଯୁବକ ମୃତ

କାଲିମେଳା, ୧୭ା୧ (ଜୀବନକୃଷ୍ଣ ଦାସ)

ମାଲାକନଗିରି ଜିଲା କାଲିମେଳା ବ୍ଲକ୍ ଏମ୍‌ଭି ୭୯ ଥାନା ଅନ୍ତର୍ଗତ ଏମ୍‌ପିଭି–୪୫ ଗ୍ରାମର ସପନ ମଣ୍ଡଳ (୪୦) ବୁଧବାର ସକାଳେ ଗ୍ରାମବାସୀଙ୍କ ସହ ଗାଁ ପୋଖରୀକୁ ମାଛ ଧରିବାକୁ ଯାଇଥିଲେ। ପରେ ସେ ପାଣିରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସପନ ଓ ତାଙ୍କ ବଡ଼ ପୁଅ ଗାଁ ପୋଖରୀକୁ ମାଛ ଧରିବାକୁ ସକାଳ ୮ ଟାରେ ଘରୁ ବାହାରି ଥିଲେ। ପୁଅ ପୋଖରୀ ବନ୍ଧରେ ଠିଆହୋଇଥିବା ବେଳେ ବାପା ପୋଖରୀକୁ ଯାଇ ପାଣିରେ ବୁଡ଼ିଯାଇଥିଲେ। ବୁଡ଼ିଯିବା ଦେଖି ଗାଁ ଲୋକେ ପାଣିରୁ ସପନଙ୍କୁ ଉଦ୍ଧାର କରିଥିଲେ। ହେଲେ ସେ ପାଣି ପିଇ ଚେତାଶୂନ୍ୟ ହୋଇ ପଡ଼ିଥିବା ଦେଖି ଗାଁ ଲୋକ କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସ୍ୱାଭିମାନ ଅଞ୍ଚଳରେ ଅଲେଖ ସମାଜ ବୈଠକ

ଚିତ୍ରକୋଣ୍ଡା, ୧୭ା୧ (କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ପାପର ମେଟେଲା ପଞ୍ଚାୟତ ଯନ୍ତାପାଇଠାରେ ସ୍ୱାଭିମାନ ଅଞ୍ଚଳରେ ଆଦିବାସୀ ଜନଜାତି ହିନ୍ଦୁ ସମାଜ ଅଲେଖ ମହିମା ଧର୍ମର ପ୍ରସାରପ୍ରଚାର ନିମନ୍ତେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଲେଖ ଧର୍ମ ବିଷୟରେ ଆଲୋଚନା ହୋଇଥିଲା। ମୁଖ୍ୟ ଭାବରେ ଘେନୁ ମୁଦୁଲି, ଦୈତାରି ବଡ଼ନାୟକ ଓ ମାଧବ ସିସା ଏହି କାର୍ଯ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇଥିଲେ ଏବଂ କମାରପଦର, ନାକାମାମୁଡି, ପୁରୁଣାପାଣି, ଯନ୍ତାପାଇ, ପିଲାକୁସୁମୀ, ପାପରମେଟଲା, ସାରକୁବନ୍ଧ, ନୀଳାପାରି, ବଡପଡା ଓ ବ ଅନ୍ୟାନ୍ୟ ଗ୍ରାମରୁ ଉପସ୍ଥିତ ହୋଇଥିଲେ। ଭୀମ ଭୋଇଙ୍କ ରଚିତ ଅଲେଖ ଧର୍ମାନ୍ତରୀକରଣ ଭକ୍ତମାନେ ଗୁରୁମାନଙ୍କ ୨୧ ପ୍ରକାର ନୀତିନିୟମ ପାଳନ କରିବା ଓ ଆମ ସଂଗଠନକୁ ମଜଭୁତ କରି ରଖିବା ବୋଲି ବୈଠକରେ ଆଲୋଚନା କରିଥିଲେ। ଜୋରଦାଠାରୁ ଆରମ୍ଭକରି ପିଲାକୁସୁମୀ, ପୁରୁଣାପାଣି ଓ ଯନ୍ତାପାଇ ବିଭିନ୍ନ ଗ୍ରାମରେ ଏଭଳି ଅଲେଖ ଯଜ୍ଞ କରାଯାଉଛି ବୋଲି ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ଅଲେଖ ଭକ୍ତ ଖଞ୍ଜଣି ଓ ଝାଞ୍ଜ ଧରିସନ୍ଥ ଭୀମ ଭୋଇଙ୍କ ଉଦ୍ଦେଶ୍ୟରେ ଗୀତ ବାଦ୍ୟଯନ୍ତ୍ର ତାଳେ ତାଳେ ମୁଖ୍ୟ ବାବାଙ୍କ ଶୂନ୍ୟ ମନ୍ଦିର ଏବଂ ଯଜ୍ଞ ମଣ୍ଡପ ଚତୁଃପାର୍ଶ୍ୱ ପରିକ୍ରମା କରିଥିଲେ। ଅଲେଖ ଧର୍ମ ପ୍ରଚାରପ୍ରସାର ଦ୍ୱାରା ଚିତ୍ରକୋଣ୍ଡା ଉପାନ୍ତ ଅଞ୍ଚଳର ବହୁ ଲୋକ ମଦ ଓ ମାଂସ ଛାଡିଛନ୍ତି ବୋଲି ବରିଷ୍ଠ ବାବାମାନେ ପ୍ରକାଶ କରିଥିଲେ।

## ରୂପାନ୍ତରିତ ଖାତିଗୁଡ଼ା ଷ୍ଟେଟ୍ ବ୍ୟାଙ୍କ ଶାଖା ଉଦ୍‌ଘାଟିତ

ତେନ୍ତୁଲିଖୁଣ୍ଟି ୧୭ା୧ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡାସ୍ଥିତ ୟୁଆଇଡିପି ଷ୍ଟେଟ ବ୍ୟାଙ୍କ ଶାଖାର ରୂପାନ୍ତରିତ ପରିସର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଣ୍ଡଳ ସାଧାରଣ ପରିଚାଳକ ଉତ୍ତମ କୁମାର ହାଜରା ଚୌଧୁରୀ ଯୋଗଦେଇ ଉଦ୍‌ଘାଟନ କରି ଗ୍ରାହକଙ୍କ ସେବାରେ ସମର୍ପିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଶାଖାର ଡେପୁଟି ଜେନେରାଲ ମ୍ୟାନେଜର ସନ୍ଦିପ କୁମାର ଚୌବେ, ଜୟପୁର ଆଞ୍ଚଳିକ ପ୍ରବନ୍ଧକ କାବୁଲା ବେହେରା, ଜୟପୁର ଆଞ୍ଚଳିକ ମୁଖ୍ୟ ସୁଦାମ ତାରିଆ ପ୍ରମୁଖ ଯୋଗଦେଇଥିଲେ। ସର୍ବପ୍ରଥମେ ବ୍ୟାଙ୍କ ଶାଖା ପରିଚାଳକ ସୁଦୀପ୍ତ ପ୍ରଧାନ ଏବଂ କ୍ଷେତ୍ରାଧିକାରୀ ଅବିନାଶ ମହାନ୍ତି ଅତିଥିଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ସେଠାରେ ବ୍ୟାଙ୍କ ପରିସର ବୁଲି ଦେଖିବା ସହ ଅନ୍ୟାନ୍ୟ ସୌନ୍ଦର୍ଯ୍ୟ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହିତ ଜଣେ ହିତାଧିକାରୀଙ୍କୁ ମୋ ଘର ଋଣ ପ୍ରଦାନ କରିଥିଲେ। ଏହି ସମୟରେ ଖାତିଗୁଡା ଷ୍ଟେଟ ବ୍ୟାଙ୍କର ବରିଷ୍ଠ ସହକାରୀ ପ୍ରତୀକ ବିଷୋଇ, ବିଭୁ ପ୍ରସାଦ ପଣ୍ଡା, ଆଶିଷ ରଞ୍ଜନ ପାତ୍ରଙ୍କ ସମେତ ଉପେନ୍ଦ୍ର ବିଷୋଇ, ହିରଣ୍ୟ ନାୟକ, ଅମିତ କୁମାର, ବାଳକୃଷ୍ଣ ମହାଙ୍କୁଡ, ରାକେଶ ପାତ୍ର, ଭରତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ସେବା ଯୋଗାଇବା ପାଇଁ ପରାମର୍ଶ ଦେଇଥିଲେ ଅତିଥି।

## ପରିକ୍ରମା ପ୍ରକଳ୍ପ ଉପଲକ୍ଷେ ନାଟକ ଦାରୁଦେବତା ମଞ୍ଚସ୍ଥ

ନବରଙ୍ଗପୁର, ୧୭ା୧ (ସଦାଶିବ ପ୍ରହରାଜ)

ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଅବସରରେ ନବରଙ୍ଗପୁର ଶାସ୍ତ୍ରୀ ଭବନରେ ଐତିହାସିକ ନାଟକ ଦାରୁଦେବତା ମଞ୍ଚସ୍ଥ ହୋଇଛି। ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଏବଂ ଜିଲା ସଂସ୍କୃତି ପରିଷଦ ସହଯୋଗରେ ନବରଙ୍ଗପୁରସ୍ଥିତ ତ୍ରିଧାରା ନାଟ୍ୟ ସଂଘର କଳାକାରମାନେ ନିଖୁଣ ଅଭିନୟ କରି ଜୀବନ୍ତ କରି ତୋଳିଥିଲେ। ବିଶିଷ୍ଟ ନାଟ୍ୟକାର ଜଗନ୍ନାଥ ବେହେରାଙ୍କ ରଚନା ଏବଂ ନିର୍ଦ୍ଦେଶନାରେ ଏହି ଐତିହାସିକ ନାଟକ ମଞ୍ଚସ୍ଥ ହୋଇଥିଲା। ବହୁ ବର୍ଷ ପରେ ନବରଙ୍ଗପୁର ଜିଲାରେ ଏପରି ଐତିହାସିକ ନାଟକ ହେଉଥିବାରୁ ଦର୍ଶକଙ୍କ ପ୍ରବଳ ଭିଡ ଜମିଥିଲା। ଜିଲାପାଳ କମଳଲୋଚନ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ।
ପୃଥିବୀ ପୃଷ୍ଠରେ ଏକ ବିଚିତ୍ର ଏ ଦାରୁଦେବତା। ସମସ୍ତ ଦିଅଁ, ଦେବତା ପଥର, ସୁନା, ପିତ୍ତଳ ଏବଂ ଅନ୍ୟାନ୍ୟ ଧାତୁରେ ନିର୍ମିତ ହୋଇଥିବା ବେଳେ ଜଗନ୍ନାଥଙ୍କର ଏକ ବ୍ୟତିକ୍ରମ। ଚକା ଚକା


ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ଆଖି, କାନ ନାହିଁ ଏବଂ ହାତ ଗୋଡ଼ ନାହିଁ। ତଥାପି କମ୍ ନାହିଁ ଦାରୁ ଦେବତାଙ୍କ କରାମତି। ଏମିତି ଏକ ପୃଷ୍ଠଭୂମିକୁ ନେଇ ଗତିଶୀଳ ଥିଲା ମଜାଦାର ଏବଂ ଉତ୍କଣ୍ଠାପୂର୍ଣ୍ଣ ଥିଲା କାହାଣୀ। ଦର୍ଶକଙ୍କୁ ହସ ଆଉ ଲୁହରେ ଭିଜେଇ ଥିଲା ଏହି ନାଟକ। ଏଥିରେ ସଙ୍ଗୀତ ପ୍ରଦୀପ କୁମାର ମିଶ୍ର ଦେଇଥିଲା ବେଳେ ଗୀତ ରଚନା କରିଥିଲେ ବନ୍ଦିତା କର। କଣ୍ଠଦାନ କରିଥିଲେ ସୁରେଶ ମିଶ୍ର, ଜ୍ୟୋତିର୍ମୟୀ ମହାପାତ୍ର, ଗୌର ତ୍ରିପାଠୀ ଏବଂ ବିଜୟ ବାରିକ। ଜୀବନ୍ତ ଅଭିନୟ କରିଥିଲେ ଦେବୀ ତ୍ରିପାଠୀ, ବିଭୁଦତ୍ତ ସେଠୀ, ଶିବଶଙ୍କର ତ୍ରିପାଠୀ, ବିବେକାନନ୍ଦ ସାହୁ, ଶ୍ରୀନିବାସ ପାତ୍ର, ଗୌର ତ୍ରିପାଠୀ, ବିଜୟ ବାରିକ, ପ୍ରଭାତ ପଟ୍ଟନାୟକ, ଲକ୍ଷ୍ମୀ ତ୍ରିପାଠୀ, ଚୈତନ୍ୟ ବେହେରା, ଚନ୍ଦ୍ରଭାନୁ ଶତୃଶଲ୍ୟ, ପ୍ରକାଶିନୀ ଚୌଧୁରୀ, ରଘୁନାଥ ରଥ, ଅଶୋକ ପଣ୍ଡା, ରିତେଶ ପୂଜାରୀ, ଆଭାଶ୍ରି ଦାଶ, ଏବଂ ନାମ୍ୟା ଜୈନ। ତ୍ରିଧାରା ନାଟ୍ୟ ସଂଘ କୋଷାଧ୍ୟକ୍ଷ ଓମ ତିଳକ ପଟନାୟକ ସମସ୍ତ କାର୍ଯ୍ୟକ୍ରମ ପରିଚଳନା କରିଥିଲେ।

## ଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବ


କାଲିମେଳାରେ ଶ୍ରୀମନ୍ଦିର ପ୍ରକଳ୍ପ ପରିକ୍ରମା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶ୍ରଦ୍ଧାଳୁ।

ମାଲକାନଗିରି/କାଲିମେଳା, ୧୭ା୧ (ଦୁର୍ଯ୍ୟୋଧନ ପାତ୍ର/ଜୀବନ କୃଷ୍ଣ ଦାସ)

ପୁରୀରେ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ପୂର୍ଣ୍ଣାହୁତି ଏବଂ ଉଦ୍‌ଘାଟନ ଉତ୍ସବକୁ ସିଧା ପ୍ରସାରଣ ଦେଖିବା ପାଇଁ ମାଲକାନଗିରି ସଦର ମହକୁମା ଜଗନ୍ନାଥ ମନ୍ଦିର ପରିସରରେ ଭକ୍ତମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ମନ୍ଦିରରେ ହୋମଯଜ୍ଞ ଏବଂ ପୂଜାର୍ଚ୍ଚନା ପରେ ଶହ ଶହ ପୁରୁଷ ଓ ମହିଳା ଭକ୍ତ ପ୍ରଶାସନ ତରଫରୁ ଏଲ୍‌ଇଡି ମାଧମରେ ସିଧା ପ୍ରସାରଣର ଦୃଶ୍ୟ ଦେଖିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଜିଲା ପ୍ରଶାସନ ଏବଂ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଏଲ୍‌ଇଡି ଶୋ ଦେଖିବାକୁ ଭିଡ଼

ସେହିପରି ଜିଲାର ପଡିଆ, କାଲିମେଳା, କୋରୁକୋଣ୍ଡା, ଚିତ୍ରକୋଣ୍ଡା, ବାଲିମେଳା, ଖଇରପୁଟ, ଗୋବିନ୍ଦପାଲ୍ଲୀ, ମାଥିଲି ଓ ମୋଟୁ ଇତ୍ୟାଦି ଅଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିରରେ ଶୋଭାଯାତ୍ରା ପରିକ୍ରମା ରଥ ସହ ସଂକୀର୍ତ୍ତନ ନାଚଗୀତରେ ସହର ପରିକ୍ରମା କରିଥିଲେ। ମାଲକାନଗିରି ସଦର ମହକୁମା ଜଗନ୍ନାଥ ମନ୍ଦିରରେ ପୂର୍ବତନ ବିଧାୟକ ମାନସ ମାଡକାମି, କାଲିମେଳା ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା ନେତୃତ୍ୱ ନେଇଥିଲେ।

## ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ



ମାଲକାନଗିରି, ୧୭ା୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ କାଲିମେଳା ବ୍ଲକ ଶାଖାର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟକୁ ବୁଧବାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା ଶୁଭ ଦେଇଥିଲେ। ରାବା କହିଛନ୍ତି, କାଲିମେଳା ବ୍ଲକ ସଦର ମହକୁମାରେ ଏହି କକ୍ଷ ନିର୍ମାଣ ଦ୍ୱାରା ବିଭିନ୍ନ ଅନୁଷ୍ଠାନ ଏଠାରେ ସେମାନଙ୍କର ବୈଠକ ଓ ସମ୍ମିଳନୀ କରିପାରିବେ। ଏଥିସହ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ସାମ୍ବାଦିକ କାର୍ଯ୍ୟାଳୟରେ ଜଣାଇ ସମାଧାନ ନିମନ୍ତେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିପାରିବେ। ସାମ୍ବାଦିକମାନେ ସକାରାତ୍ମକ, ନିର୍ଭୀକ ଓ ସତ୍ୟ ଘଟଣା ଉପରେ ଖବର ପରିବେଷଣ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମର ଜିଲା ସଭାପତି ଦୁର୍ଯ୍ୟୋଧନ ପାତ୍ର, କାର୍ଯ୍ୟକାରୀ ସଭାପତି ଅଶୋକ ମିଶ୍ର, ସାଧାରଣ ସମ୍ପାଦକ ଶ୍ରୀନିବାସ ପାତ୍ର, କୋଷାଧ୍ୟକ୍ଷ ହୃଷୀକେଶ ସେଠୀ, କାଲିମେଳା ବ୍ଲକ ସଭାପତି ରାଜେଶ ଓଝା, ଉପସଭାପତି ଭିକି ବାରିକ, ଜିଲା ଉପସଭାପତି ମୁକୁନ୍ଦ ନାୟକ, ବିଦ୍ୟୁତ୍ ବୈରାଗୀ, ସୌରଭ ମଣ୍ଡଳ, କୁଞ୍ଜବିହାରୀ ସେଠୀ ଉପସ୍ଥିତ ଥିଲେ।

## ଅର୍ପଣ ରଥରୁ ସଂଗ୍ରହ ଚାଉଳ, ଗୁଆ ଗଲାନି ପୁରୀ

### ଭକ୍ତଙ୍କ ବିଶ୍ୱାସ ସହ ଖେଳ

ନବରଙ୍ଗପୁର, ୧୭ା୧ (ସଦାଶିବ ପ୍ରହରାଜ)


ସଂଗୃହୀତ ଚାଉଳ ଓ ଗୁଆ, ନଡ଼ିଆ ମନ୍ଦିରରେ ରହିଛି।

ଜଗନ୍ନାଥ ଭକ୍ତଙ୍କ ଆସ୍ଥା ସହ ଖେଳ। ଅର୍ପଣ ରଥରୁ ସଂଗ୍ରହ ହୋଇଥିବା ଚାଉଳ, ଗୁଆ, ଟଙ୍କା ଓ ନଡ଼ିଆ ପୁରୀକୁ ଯାଇ ଶ୍ରୀ ଜଗନ୍ନାଥଙ୍କୁ ସମର୍ପଣ ହେବ ବୋଲି କୁହାଯାଇଥିଲା। ନବରଙ୍ଗପୁର ଜିଲାରେ ସଂଗ୍ରହ ହୋଇଥିବା ଚାଉଳ, ଗୁଆ ବିଭିନ୍ନ ମନ୍ଦିରରେ ରଖାଯାଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନବରଙ୍ଗପୁର ସଦର ବ୍ଲକରେ ଗତ ୬ରୁ ୧୫ ତାରିଖ ଭିତରେ ଅର୍ପଣ ରଥ ଘରକୁ ଘର ବୁଲି ପ୍ରଭୁ ଜଗନ୍ନାଥଙ୍କ ପାଇଁ ଚାଉଳ, ନଡ଼ିଆ, ଗୁଆ ଓ ଦକ୍ଷିଣା ଆଦାୟ କରାଯାଇଥିଲା। ସେଗୁଡିକୁ ପରିକ୍ରମା ପ୍ରକଳ୍ପ ଦିନ ଜଗନ୍ନାଥ ପ୍ରଭୁଙ୍କ ନିକଟରେ ଅର୍ପଣ କରାଯିବ ବୋଲି ଭକ୍ତଙ୍କଠାରୁ ଆଦାୟ ହୋଇଥିଲା। ନବରଙ୍ଗପୁର ସଦର ବ୍ଲକରେ ୩୦ କୁଇଣ୍ଟାଲ ଚାଉଳ, ଧାନ ୫ କୁଇଣ୍ଟାଲ, ଗୁଆ ୨୯କିଲୋ, ନଡ଼ିଆ ୩୦୧୦୧ଟି ଓ ଦକ୍ଷିଣା ବାବଦରେ ୧ଲକ୍ଷ ୭୮୩୭ ଟଙ୍କା ଆଦାୟ କରାଯାଇଥିଲା। ଏସବୁ ଭତରାସିଉନି ଗ୍ରାମସ୍ଥିତ ଶିବମନ୍ଦିରରେ ପଡି ରହିଛି। ଏହାକୁ ନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ନବରଙ୍ଗପୁର ବ୍ଲକ ପ୍ରଶାସନ ଚାଉଳ ଶିବମନ୍ଦିରରେ ଥିବା ସ୍ୱୀକାର କରିବା ସହ ଆଗାମୀ ଭବିଷ୍ୟତରେ ସେଗୁଡିକୁ ପୁରୀକୁ ପଠାଯିବ ବୋଲି କହିଛନ୍ତି। ସେହିଭଳି ନବରଙ୍ଗପୁର ପୌରପାଳିକାରେ ସଂଗୃହୀତ ହୋଇଥିବା ଚାଉଳ ଓ ଗୁଆ ନବରଙ୍ଗପୁର ଜଗନ୍ନାଥ ମନ୍ଦିରରେ ପଡିଛି। ଯାହାକୁ ଭକ୍ତ ନାପସନ୍ଦ କରିଛନ୍ତି।

## ମୃତ କ୍ରୀଡ଼ା ଶିକ୍ଷକଙ୍କ ପରିବାରକୁ ସହାୟତା


ଜିଲାପାଳ ମୃତ କ୍ରୀଡ଼ା ଶିକ୍ଷକଙ୍କ ସ୍ତ୍ରୀଙ୍କୁ ସହାୟତା ରାଶି ଦେଉଛନ୍ତି।

ନବରଙ୍ଗପୁର, ୧୭ା୧ (ସଦାଶିବ ପ୍ରହରାଜ)

ନୂତନ ଅନୁଦାନପ୍ରାପ୍ତ ମାଧ୍ୟମିକ ଓ କର୍ମଚାରୀ ସଂଘ (ବ୍ଲକ୍ ଗ୍ରାଣ୍ଟ) ନବରଙ୍ଗପୁର ଶାଖା ପକ୍ଷରୁ କ୍ରୀଡ଼ା ଶିକ୍ଷକ ସ୍ୱର୍ଗତ ଅଟଳ ବିହାରୀ ହୋତାଙ୍କ ପରିବାରକୁ ୩୦ ହଜାର ୫ ଶହ ଟଙ୍କା ସହାୟତା ରାଶି ଜିଲାପାଳ କମଳ ଲୋଚନ ମିଶ୍ର ପ୍ରଦାନ କରିଛନ୍ତି। ନବରଙ୍ଗପୁର ବ୍ଲକ ସାନ ମସିଗାଁ ଜନନୀ ମାତା ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଅଟଳ ତୀର୍ଥ ଯାତ୍ରୀମାନଙ୍କ ସହ ଗାଇଡ୍ ଭାବେ ଯାଇଥିଲେ। ନବରଙ୍ଗପୁରରୁ ରାୟଗଡାଠାରେ ପହଞ୍ଚି ରାତିରେ ବିଶ୍ରାମ ନେଇଥିଲେ। କୌଣସି କାମରେ ବାହାରକୁ ଆସିବା ସମୟରେ ଶିଡ଼ିରୁ ଖସି ପଡ଼ିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସଂଘ ପକ୍ଷରୁ ସହାୟତା ରାଶି ପ୍ରଦାନ ବେଳେ ଜିଲାପାଳ ମିଶ୍ର ସ୍ୱର୍ଗତ ଅଟଳଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ଦାଶଙ୍କୁ ସଂଗ୍ରାମ କରିବାକୁ ପଡିବ, ଆଗକୁ କିଛି ବ୍ୟବସାୟ କରୁବାକୁ ଚାହୁଁଥିଲେ ସରକାରୀ ପ୍ରାବଧାନ ଅନୁଯାୟୀ ସହାୟତା କରାଯିବ ବୋଲି କହିଥିଲେ। ସହାୟତା ରାଶି ପ୍ରଦାନ ସମୟରେ ସଂଘର ସଭାପତି ରାମଚନ୍ଦ୍ର ଦାଶ, ସମ୍ପାଦକ କାଶୀନାଥ ମହାନ୍ତି, ଉପସଭାପତି ବିଭୂତି ଭୂଷଣ ବରାଳ, ସହ ସମ୍ପାଦିକା ଇନ୍ଦିରା ପଟ୍ଟନାୟକ, କୋଷାଧ୍ୟକ୍ଷ ସୀମାଞ୍ଚଳ ଖୁରା ସମେତ ସଂଘର କର୍ମକର୍ତ୍ତା ଓ ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ।

## ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

ଉମରକୋଟ ୧୭ା୧ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ କୋଣ୍ଡାଗାଁ ରୋଡ୍‌ସ୍ଥିତ କଲ୍ୟାଣ ମନ୍ଦିରରେ ଉପଖଣ୍ଡସ୍ତରୀୟ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ତହସିଲଦାର ତଥା ସାଧାରଣତନ୍ତ୍ର କମିଟି ସଭାପତି ମଘବାନ ବାଗଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାସ, ଆଇନଜୀବୀ ସଂଘର ସଭାପତି ପ୍ରଶାନ୍ତ ସାହୁ, ଝାଡ଼େଶ୍ୱର ମହାନ୍ତି, ଶ୍ରୀନିବାସ ପଟ୍ଟନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନ୍ୟପଟେ ସହରର ସରକାରୀ ଓ ବେସରକାରୀ ବିଦ୍ୟାଳୟ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରତିନିଧିମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ପୂର୍ବ ବର୍ଷର ଖର୍ଚ୍ଚ ବିବରଣୀ ପ୍ରଦାନ


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

କରି ରାଜସ୍ୱ ନିରୀକ୍ଷକ ଶିବାନନ୍ଦ ରାଉତ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ସେଦିନ ଭୋରରୁ ପୌରସଂସ୍ଥା ପକ୍ଷରୁ ରାମଧୁନ୍ ଗାଡ଼ି ସହର ସାରା ବୁଲିବ। ଡିଏନ୍‌କେ ଖେଳପଡିଆଠାରେ ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। ସାଧାରଣତନ୍ତ୍ର ଦିବସରେ ଉପଜିଲାପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସକାଳ ୮ଟା ୪୫ରେ ପତାକା ଉତ୍ତୋଳନ କରିବେ। ମଞ୍ଚାସୀନ ଅତିଥିଙ୍କ ଅଭିଭାଷଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଅବସରରେ ବିଭିନ୍ନ ସ୍କୁଲ ପିଲାଙ୍କୁ ନେଇ ୧୯ରେ ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ଚିତ୍ରାଙ୍କନ ଓ ୨୦ରେ ସ୍ୱାମୀ ବିବେକାନନ୍ଦ ବିଦ୍ୟାଳୟରେ ସଙ୍ଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୨୧ରେ ବିଜୁ ପଟ୍ଟନାୟକ ମହିଳା କଲେଜଠାରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଓ ୨୨ରେ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା କାର୍ଯ୍ୟକ୍ରମ ରହିଛି। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ୨୬ତାରିଖ ପୁରସ୍କାର ବିତରଣ କରାଯିବ। ଚଳିତ ଥର ପରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରି ନ ଥିବା ସମସ୍ତ ଗ୍ରୁପ୍‌କୁ ସାନ୍ତ୍ୱନାମୂଳକ ପୁରସ୍କାର ବିତରଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବିଭିନ୍ନ ବିଦ୍ୟାଳୟ ବା ଅନୁଷ୍ଠାନ ପକ୍ଷରୁ ଆସିଥିବା ପିଲା ବା ଅଭିଭାବକଙ୍କ ଦ୍ୱାରା ଯଦି କୌଣସି ବିଶୃଙ୍ଖଳା ସୃଷ୍ଟି କରାଯାଏ, ତେବେ ଉକ୍ତ ଅନୁଷ୍ଠାନ ବା ବିଦ୍ୟାଳୟକୁ ଏକ ବର୍ଷ ପାଇଁ ଏହି କାର୍ଯ୍ୟକ୍ରମରୁ ବାସନ୍ଦ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ସରୋଜିନୀ ଶବର, ମନୋଜ ନାୟକ, ବରିଷ୍ଠ ସାମ୍ବାଦିକ ନଳିନୀ ରଞ୍ଜନ ମିଶ୍ର, ସାମ୍ବାଦିକ କୃଷ୍ଣପ୍ରସାଦ ପଟ୍ଟନାୟକ, ଦୁର୍ଗାପ୍ରସାଦ ମଲ୍ଲିକ, କୁନା ସାହୁ, ପପୁ ଜିଲାନି, ମାର୍କଣ୍ଡ ସାହୁ ଏବଂ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

